Digitized by PPRACHIN, SOA

କାଳିଦାସ ବିରଚିତ

ମେଘଦୂତ

ଅନୁବାଦକ

ଶ୍ରୀ ତ୍ରିପୁରାରି ତ୍ରିପାଠୀ

ପରିବେଷକ

ଶ୍ରୀ ସଦାଶିବ ତ୍ରିପାଠୀ
ରାଜସ୍ୱମନ୍ତ୍ରୀ, ଓଡ଼ିଶା

ପ୍ରାପ୍ତିସ୍ଥାନ:— ଶ୍ରୀ ଜଗନ୍ନାଥ ଭଣ୍ଡାର
ନବରଙ୍ଗପୁର (କୋରାପୁଟ)

ମୂଲ୍ୟ: ଟ ୨-୫୦

Digitized by PPRACHIN, SOA

ନବରଙ୍ଗପୁରର ଶ୍ରୀମାନ ତ୍ରିପୁରାରି ତ୍ରିପାଠୀ କାଳବାହଙ୍କ ମେଘଦୂତର ଗୋଟିଏ ନୂଆ ଅନୁବାଦ କରିଛନ୍ତି । ବଡ଼ ସୁଖ ଓ ଆନନ୍ଦର କଥା, ସେ ସ୍ୱର୍ଗତ ମହାଦେବ ତ୍ରିପାଠୀଙ୍କୁ ଏହି ଅନୁବାଦ ଗ୍ରନ୍ଥଟି ଉତ୍ସର୍ଗ କରିଛନ୍ତି । ସ୍ୱର୍ଗତ ମହାଦେବ ତ୍ରିପାଠୀ, ରାଜସ୍ୱ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀଙ୍କର ଅତି ନିକଟତମ ପୂର୍ବ ପୁରୁଷ । ଏହା ଜାଣି ଅନେକେ ଆନନ୍ଦିତ ହେବେ । ସ୍ୱର୍ଗତ ମହାଦେବ ତ୍ରିପାଠୀଙ୍କୁ ଅନେକେ ଜାଣିଥିବେ । ସେକାଳରେ ମାନ୍ଦ୍ରାଜ ପ୍ରଦେଶରେ ଅନ୍ଧକାରରେ ଥିଲା ଏ ଓଡ଼ିଆ ରାଜ୍ୟ ଜୟପୁର, ସେଥିରେ ସେ ଥିଲେ ସୁପରିଚିତ ନେତା । ତାଙ୍କର ଘର ଥିଲା ନବରଙ୍ଗପୁର, ଏହା ଶ୍ରୀ ସଦାଶିବ ତ୍ରିପାଠୀଙ୍କ ଘର ।

ମେଘ ଦୂତ କାବ୍ୟରେ ଯେଉଁ ରାମଗିରି ନାମରେ ଯେଉଁ (ରାମଗୃହ) ଥିଲା , ସେ ରାମଗିରିକୁ ଏବେ ଅନେକେ ଜୟପୁରର ପୂର୍ବ ରାଜଧାନୀ ରାମଗିରି ବୋଲି ବୁଝନ୍ତି । ଅବଶ୍ୟ ତା ବୁଝିବାର ବହୁତ କାରଣ ଯେ ନାହିଁ, ତାହା ନୁହେଁ । ମଲ୍ଲିନାଥ ସ୍ଥିର କରିଛନ୍ତି ଏ ରାମଗିରି ଚିତ୍ରକୂଟ ପାଖେ । ମେଘଦୂତ ଭଳି କାବ୍ୟର ଆଦିସ୍ଥାନ ଓ ଗନ୍ତିସ୍ଥାନ ନିର୍ଦ୍ଦେଶ କରିବାରେ ଏପରି ପ୍ରମାଦ ସ୍ୱାଭାବିକ । ତାପରେ ପୁଣି ମେଘଦୂତ ଭଳି କାବ୍ୟ , ଇତିହାସ ନୁହେଁ ; ଜୟପୁରର ରାମଗିରିକୁ ମେଘଦୂତ ରାମଗିରିଯାତ୍ରା ମେଷ୍ଟ ଏକ କରିବାରେ ଏହର ଅନୁବାଦକଙ୍କର ସ୍ୱଦେଶ ପ୍ରୀତିର ପ୍ରେରଣା ଖୁବ ଅଛି , ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

ସ୍ୱଦେଶ ପ୍ରୀତି ପ୍ରାଣର ଗୋଟିଏ ପ୍ରତିଷ୍ଠିତ ଭାବ । ଏହି ପ୍ରତିଷ୍ଠିତ ଭାବହିଁ ମୁଖ୍ୟତଃ କାବ୍ୟର ଅବଲମ୍ବନ । ବିଶେଷତଃ ଏହି ପ୍ରତିଷ୍ଠିତ ଭାବର ଅନ୍ତରଂଗ ପ୍ରେରଣା ଓ ଉନ୍ମେଷ ରେ ମେଘଦୂତ କାବ୍ୟଟି ଲେଖା ହୋଇଥିଲା । ଖୁବ ସମ୍ଭବ ଏହି ମେଘଦୂତ ଭଳି କାବ୍ୟ କାଳିଦାସ ଓ ଭାସଙ୍କ ପୂର୍ବରୁ ଏପରି ପ୍ରେମ କବିତା ଭାରତ ସାହିତ୍ୟରେ ଦେଖା ଯାଏ ନାହିଁ । ପୁଣି ବିଶେଷରେ କାଳିଦାସ ନିଜେ ଜାଣିଛନ୍ତି ଓ କହିଛନ୍ତି ,

"କାମାର୍ତ୍ତାହି ପ୍ରକୃତି କୃପଣା
ଚେତନା ଚେତନେଷ ।"

ଅର୍ଥାତ କାମାର୍ତ୍ତ ହେଲେ ଲୋକ ପ୍ରାଣର କଥା କହିବାରେ ସେ ଯାହାକୁ କହୁଛି ସେ ଚେତନ କି ଅଚେତନ ବୁଝେ ନାହିଁ ।

ଯଥାର୍ଥରେ ମେଘଦୂତ ଭାରତ ଇତିହାସରେ ଏକ ନୂତନ ସଙ୍କେତର ଧାରା ପ୍ରକାଶ କରିଛି । ମେଘକୁ ଦେଖି ବିରହୀ ଯକ୍ଷ ତାର ସମସ୍ତ କାମ ପ୍ରେରଣା , ତାର ଘରେଥିବା ଯୁବତୀ ପତ୍ନୀକୁ କହିବା ପାଇଁ ବା ଅନୁଭବର ସାକ୍ଷ୍ୟ ଦେବାପାଇଁ କହି ଯାଉଛି । ତଳେଇ କରି ଦେଖିଲେ ଦେଖାଯିବ ଏ ସଙ୍କେତ ଓ ଅଭିବ୍ୟକ୍ତି ମାନବ ପକ୍ଷରେ ଅତ୍ୟନ୍ତ ସ୍ୱାଭାବିକ ନୁହେଁ । ଅବଶ୍ୟ ଭାରତରେ ପତି ପତ୍ନୀ ଭିତରେ ଥିବା ପ୍ରେମ ପ୍ରକାଶ କରିବା ପାଇଁ ଏ ଗୋଟିଏ ସୁନ୍ଦର ଆଲେଖ୍ୟ ! ସ୍ୱାଭାବିକ ନହେଲେ ମଧ୍ୟ ଏ ଆଲେଖ୍ୟରେ ସତ୍ୟଅଛି । ସେହି ସତ୍ୟଟି କାଳିଦାସଙ୍କ କାଳରୁ ଏ ଭାରତରେ କବି ମାନଙ୍କୁ ଖୁବ ଇଙ୍ଗିତ ଦେଉଛି ।

ଏହି ଇଂଗିତ ଦେଇ ହଂସଦୂତ, ପବନଦୂତ ପ୍ରଭୃତି ଅନେକ ଅନୁକୃତ କାବ୍ୟ ମଧ୍ୟ ଏ ଦେଶରେ ଲେଖା ଯାଇଛି ।

Digitized by PPRACHIN, SOA

ତଥାପି ଏ ସମସ୍ତ "ଦୂତ" ଥିବା କାବ୍ୟର ମୌଳିକ ଗ୍ରନ୍ଥ ହେଉଛି ଏହି ମେଘଦୂତ ।

ଏ ଦେଶରେ ବା ଏ ଦେଶ ସାହିତ୍ୟରେ ବିଶେଷତଃ ଏହି ଦେଶର ସଙ୍ଗୀତ ଓ ସଂଯମ ମୂଳକ ସାହିତ୍ୟରେ ପ୍ରଥମ ସମ୍ଭୋଗ ମୂଳକ ସାହିତ୍ୟ ବାହାରିଥିଲା ମେଘଦୂତ । ତାହା ଏବେ ଦେଢ଼ ହଜାର ବର୍ଷ ହେଲା ଏ ଦେଶର କାବ୍ୟ ବାୟୁମଣ୍ଡଳକୁ ଯେପରି ପ୍ରଭାବିତ କରୁଛି ସେଥିରେ ବୋଧହୁଏ ଏ ସମ୍ଭୋଗ ମୂଳକ କାବ୍ୟରସ ଓ ଅଭ୍ୟାସକୁ ସମ୍ଭୋଗ ମୂଳକ କାବ୍ୟକଳାରେ ପରିଣତ କରିବା ଏହା ଏକ ସୁସ୍ପଷ୍ଟ ଉଦ୍ୟମ ।
ସେଥିରେ ଶ୍ରୀମାନ ତ୍ରିପୁରାରିଙ୍କର ଯେଉଁ ସ୍ୱଦେଶ ପ୍ରୀତିର ଉପାଦାନ ମିଶିଛି , ତାହା ଏକ ପ୍ରତିଷ୍ଠ କାବ୍ୟବସ୍ତୁ । ସେଥିରେ ଗୁଣି ସଂଯୋଗ ସଂଭୋଗର ବାଛ ବିଚାର ନାହିଁ ।

ତାଛଡ଼ା ତ୍ରିପୁରାରିଙ୍କ ଅନୁବାଦ ସ୍ୱର୍ଗତ ରାଧାନାଥ ଓ ଅନ୍ୟାନ୍ୟ ମାନଙ୍କ ଅନୁବାଦର ଅନୁକରଣ କରି ନାହିଁ । ଏହା ମେଘଦୂତର ଅନବଦ୍ୟ ଚିତ୍ରକୁ ସୁନ୍ଦର ଢଙ୍ଗିଆରେ ନୂତନ ଭାବରେ ପ୍ରକାଶ କରିଛି । ପାଠକେ ଏହାକୁ ପଢ଼ିଲେ ଏହାର ରସୋପଲବ୍‌ଧି କରିବେ । ଲୋକେ ପଢ଼ନ୍ତୁ ମୁଁ ଏହି ଆଶା କରୁଛି ।

ଭୁବନେଶ୍ୱର — ଶ୍ରୀ ନୀଳକଣ୍ଠ ଦାଶ
ତା-୮-୯-୧୯୭୧

Digitized by PPRACHIN, SOA

ଲେଖକଙ୍କ ଦ୍ୱାରା ସର୍ବ ସ୍ୱତ୍ୱ ସଂରକ୍ଷିତ

Digitized by PPRACHIN, SOA

ପ୍ରାକ୍‌କଥନ

୧୯୬୦ ସମ୍ବତ୍ସର ଅଗଷ୍ଟ ମାସ । ଖଲ୍ଲିକୋଟ... ବନ୍ଧମଦେବ କଲେଜର ଓଡ଼ିଆ ଅଧ୍ୟାପକ ଭାବେ ମୁଁ ସେତେବେଳେ ଜୟପୁର (କୋରା- ପୁଟ) ରେ ଥାଏ । ମୁହଁ ସଞ୍ଜବେଳ । ସ୍ନେହାସ୍ପଦ ରାଧା ଗୋବିନ୍ଦ ସହିତ କୋଳାହଳମୟ ବଜାର ଛକ ଠି ପ୍ରଥମେ ଦେଖାହୁଏ । ଅଞ୍ଜାତ ବର୍ତ୍ତମାନର ବହୁସଂଳାପ ଭିତରେ ସେ ମୋତେ ତ୍ରିପୁରାର ତ୍ରିପାଠୀଙ୍କ ଦ୍ୱାରା ଅନୂଦିତ ମେଘଦୂତ ବିଷୟ କଥା ପ୍ରସଙ୍ଗରେ କହିଥିଲେ । ମୁଁ ବି ଅନ୍ୟମନସ୍କତା ଭିତରେ ସ୍ୱୀକୃତି ଦେଇଥିଲି, 'ଆଣନ୍ତୁ, ଦେଖିବା' । ତାପରେ ଦିନେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀଙ୍କ ସହିତ ଆକସ୍ମିକ ଦେଖାହୁଏ । ସେତିକି ବେଳେ ସେ ମଧ୍ୟ ଉପରୋକ୍ତ ମେଘଦୂତର ଓଡ଼ିଆ ଅନୁବାଦଟି ପଢ଼ିବାର ସୁଯୋଗ ପାଇଥିବା କଥା ଏବଂ ସେ ସମ୍ବନ୍ଧରେ ମୋର ମତାମତ ଜାଣିବା ପାଇଁ ଇଚ୍ଛୁକ ଥିବା କଥା ବ୍ୟକ୍ତ କରିଥିଲେ । ମୁଁ ବି କହିଥିଲି—ସୁବିଧା ହେଲେ ପାଣ୍ଡୁଲିପିଟି ପଠେଇବାକୁ କହନ୍ତୁ ।

କିଛି ଦିନ ପରେ ପାଣ୍ଡୁଲିପିଟି ଆସିଲା, ଆମୂଳଚୂଳ ଦେଖିଲି । ବାସ୍ତବିକ ଏହା ଏକ ଅନୁବାଦ ସାହିତ୍ୟ । ସାହିତ୍ୟର ଲକ୍ଷଣ ଓ ନାମକରଣ ନେଇଁ ଯେତେ ବିବାଦ ରହିଥିଲେ ମଧ୍ୟ

Digitized by PPRACHIN, SOA

ତାର ବିଭବ ଓ ବିଭାଗ ସମ୍ବନ୍ଧରେ ତାଦୃଶ ମତଦ୍ୱୈଧର ଅବକାଶ ନାହିଁ । ସାହିତ୍ୟ ପ୍ରଥମତଃ ମୌଳିକ ଓ ଅନୁବାଦ ଏପରି ଦୁଇ ଭାଗରେ ବିଭକ୍ତ । ମୌଳିକ ସାହିତ୍ୟ କହିଲେ ଖାଣ୍ଟି ମୂଳ ରଚନା ନତ୍ତା ଅନ୍ୟର ଗ୍ରନ୍ଥ, ଅନୁଗ୍ରନ୍ଥ, ଅନୁବନ୍ଧ,ଈଷତ୍‌ସ୍ପୃଷ୍ଟ ପ୍ରଭୃତି ସବୁକୁ ବୁଝାଏ । ଏଥିରେ ଅନ୍ୟର ଗ୍ରନ୍ଥ ବା ଈଷତ୍‌ସ୍ପର୍ଶ ଜନିତ ଭାବାବେଶ ଅପେକ୍ଷା ରସବ୍ୟଞ୍ଜକ ମୌଳିକ ପ୍ରତିଭାର କମନୀୟତା ହିଁ ରସୋଦ୍‌ବୋଧର ମୁଖ୍ୟ ଉପାଦାନ ହୋଇଥାଏ । ଫଳରେ ଏକ ମୌଳିକ ରଚନା ରୂପେ ପ୍ରତିଭାତ ହୁଏ । କାଳିଦାସ, ସେକ୍‌ସ୍‌ପିଅର ପ୍ରଭୃତି ପୃଥିବୀର ବହୁ ବିଖ୍ୟାତ ମହାକବି ଏଥିର ଦୃଷ୍ଟାନ୍ତ ।

କିନ୍ତୁ ଅନୁବାଦ ସାହିତ୍ୟ କହିଲେ ତା ନୁହେଁ । ଅନ୍ୟର ଆତ୍ମିକ ଭାବରାଜି ତଥା ଦେଶକାଳାନପେକ୍ଷୀ ରସୋଜ୍ଜ୍ୱଳତାକୁ ଆକଟି ଧରି ସ୍ୱୀୟ ଭାଷା ଓ ପରିପ୍ରେକ୍ଷିତ ଦ୍ୱାରା ରମଣୀୟ କରି ପରିବେଷଣ କରିବା ନାମ ଅନୁବାଦ ସାହିତ୍ୟ । ଏଥିରେ ଅନୁବାଦ୍ୟ ସାହିତ୍ୟର ବିନ୍ଦୁ ବିସର୍ଗ ତ୍ୟାଗ କରିବାର ଯେପରି ଯୁ ନାହିଁ ସେହିପରି ଅନୁଦିତ ସାହିତ୍ୟରେ ଯେତେ ସୁନ୍ଦର ହେଲେ ମଧ୍ୟ ନବସଂ—ଯୋଜନାର କ୍ଷେତ୍ର ନାହିଁ । ଏଥି ସକାଶେ ଲେଖକଙ୍କୁ ବିଦ୍ୱତ୍ତା ଅନୁପାତରେ ହୃଦୟବତ୍ତା, ହୃଦୟବତ୍ତା ଅନୁରୂପ ରସବୋଧ, ରସବୋଧର ସମାନ ପରି ପ୍ରକାଶନୀ ଶକ୍ତି ଏବଂ ସେ ସବୁ ସକାଶେ ଉଭୟ ଭାଷା ସାହିତ୍ୟରେ ଗଭୀର ଅନୁପ୍ରବେଶ ଆବଶ୍ୟକ ହୁଏ । ତା ନ ହେଲେ ସାର୍ଥକ ଅନୁବାଦ ସାହିତ୍ୟ ସୃଷ୍ଟି ହୋଇପାରେ ନାହିଁ । ଅନୁବାଦ ସାହିତ୍ୟର ଏତାଦୃଶ ଜଟିଳତା ଦୃଷ୍ଟିରୁ ବହୁ ସମାଲୋଚକ ମନୁଷ୍ୟ ଶରୀରର ପୃଷ୍ଠ ଭାଗ ଓ ଅଗ୍ରଭାଗ ଭଳି ତାକୁ ଟପଟରି ଭାବାନୁବାଦ ଓ ଆକ୍ଷରିକାନୁବାଦ ଏହିପରି ଦୁଇ ଶ୍ରେଣୀର

Digitized by PPRACHIN, SOA

ବିଭକ୍ତ କରନ୍ତି । କିନ୍ତୁ ଦୁଇଟିଯାକ ବ୍ୟଷ୍ଟି ଭାବରେ ଯେପରି ସ୍ୱୟଂ ସଂପୂର୍ଣ୍ଣ ନୁହନ୍ତି ସେହିପରି ସମଷ୍ଟି ଭାବରେ ସୁସଂପୂର୍ଣ୍ଣ । ଏଥିରୁ ଅନୁବାଦ ସାହିତ୍ୟ ସୃଷ୍ଟି କରିବା କେତେ ଦୂର କଷ୍ଟ ସାଧ୍ୟ ତାହା ସହଜେ ଅନୁମେୟ ।

ଏହିପରି ଥିଲଠାରେ ଅନୁବାଦକ ଶ୍ରୀ ତ୍ରିପୁରାରିବାବୁ କାଳିଦାସଙ୍କ ପରି ଜଣେ ଉପମେୟୋପମ ମହାକବିଙ୍କ ଲେଖନୀ ନିଃସୃତ ମେଘଦୂତ କାବ୍ୟର ଅନୁବାଦ କରିବାକୁ ଯାଇ କେତେଦୂର ସଫଳତା ହାସଲ କରିଛନ୍ତି ତାହା ପାଠକ ମାନେ ଉପଲବ୍ଧି କରିବେ । ବିଶେଷତଃ, 'ଗମ୍ଭୀରାୟାଃ ପୟସି ସରିତ ଶ୍ଚେତସୀବ ପ୍ରସନ୍ନେ······' କିମ୍ବା 'ଉତ୍ସଙ୍ଗେ ବା ମଳିନ ବସନେ ସୌମ୍ୟ ନିକ୍ଷିପ୍ୟ ବୀଣାଂ······' ପ୍ରଭୃତି ଭାବଗମ୍ଭୀର ଶ୍ଳୋକ ମାନଙ୍କର ଓଡ଼ିଆ ଭାଷାରେ ଭାବପ୍ରକାଶ କରିବାକୁ ଯିବା କେତେ ଶକ୍ତି ଓ ପ୍ରତିଭା ଆବଶ୍ୟକ କରେ କାଳିଦାସ କବିତା ରସିକମାନେ ତାହା ହୃଦୟଙ୍ଗମ କରିବେ । ତଥାପି ତ୍ରିପୁରାରି ବାବୁ ସେ ଗୁଡିକର ପ୍ରକାଶନ ସକାଶେ ଯତ୍ପରୋନାସ୍ତି ଚେଷ୍ଟା କରିଛନ୍ତି ଏଥିରେ ସନ୍ଦେହ ନାହିଁ ।

ଏହା ଛଡ଼ା ଭାବ ପ୍ରକାଶର ସୁଷମ ବାହକ ହେଉଛି ଭାଷା । ଆମୂଳଚୂଳ ତାହାର ସମତା ଯେତିକି ରକ୍ଷା କରି ଯାଇପାରେ ସେ ସେତିକି ରମଣୀୟ ହୋଇ ଉଠେ । ଆଲୋଚ୍ୟ ଅନୁବାଦଟିରେ ଉପକ୍ରମରୁ ଉପସଂହାର ଯାଏଁ ଏକା ରକମର ଶୈଳୀ ଗ୍ରହଣ କରି ଯାଇଥିବା କମ ପ୍ରଶଂସାର କଥା ନୁହେଁ । ବିଶେଷତଃ ଏହି ବାକ୍-ସଂସ୍କୃତ-ମୟ ଯୁଗରେ ଈଦୃଶ ପ୍ରାକ୍-ସଂସ୍କୃତର ଆଲୋଚନା ଏବଂ ଗବେଷଣା ଯେ ଆଲୋକବର୍ତ୍ତିକା ସ୍ୱରୂପ ଏହା ବୁଝାଇବା

Digitized by PPRACHIN, SOA

ପ୍ରୟୋଜନ ନାହିଁ । ଏଣୁ ଗ୍ରନ୍ଥଟି ରସିକ ପାଠକ ମାନଙ୍କର ଅବଶ୍ୟ ମନୋରଞ୍ଜନ କରିବ ଏ ଆଶା ମୋର ଅଛି । ଲେଖକଙ୍କର ଉତ୍ତରୋତ୍ତର ଉନ୍ନତି ହେଉ ଏହାହିଁ ମୋର ଆନ୍ତରିକ କାମନା ।

ସୁଖଧାମ
ତା ୩ । ୫ । ୧୯୬୧ ଶ୍ରୀ ବେଣୀମାଧବ ପାଢ଼ୀ

(୨)

ଖଲ୍ଲିକୋଟ କଲେଜ
ଜୟପୁର
୫-୩-୬୧

କବିକୁଳଗୁରୁ କାଳିଦାସଙ୍କ 'ମେଘଦୂତ କାବ୍ୟ' ବିଶ୍ୱ ସାହିତ୍ୟରେ ଅନବଦ୍ୟ । ଶ୍ରୀଯୁକ୍ତ ତ୍ରିପୁରାରି ତ୍ରିପାଠୀ ବଙ୍ଗଳା ଶ୍ରୀବୃତ୍ତରେ ଯଥାସମ୍ଭବ ଯତିପାତ ଓ ଉପଧା ରକ୍ଷା କରି ଏହାର ମନୋରମ ରୂପାନ୍ତର କରିଛନ୍ତି । ଯାହା ସୃଷ୍ଟ ହୋଇ ଯାଇଛି, ଅଧିକତର ସୁନ୍ଦର ହୋଇ ପାରିଥାନ୍ତା ; ସୃଷ୍ଟିର ଅନନ୍ତ ଅଭିବ୍ୟକ୍ତିହିଁ ସତ୍ୟ । ଏକାବ୍ୟରେ ଶ୍ରୀଯୁକ୍ତ ତ୍ରିପାଠୀଙ୍କର ସହଜ ପ୍ରତିଭା ସ୍ପଷ୍ଟତର ହୋଇ ଆତ୍ମ ପ୍ରକାଶ କରିଛି । ସାହିତ୍ୟସେବୀ ସୁଧୀବୃନ୍ଦ ଏହାର ରସାସ୍ୱାଦନକଲେ ଅନୁବାଦକଙ୍କ ଶ୍ରମ ସାର୍ଥ ହେବ । ମୁଁ ତାଙ୍କ କୃତିର ଦିବ୍ୟ ଭବିଷ୍ୟତ କାମନା କରେ ।

ଶ୍ରୀ ହୃଦାନନ୍ଦ ଗୁପ୍ତ

Digitized by PPRACHIN, SOA

ନିଜକଥା

ବିଶ୍ୱବିଦିତ ମହାକବି କାଳିଦାସଙ୍କ ବିରଚିତ ସଂସ୍କୃତ ସାହିତ୍ୟ ଭଣ୍ଡାରର ଏକ ଅନବଦ୍ୟ କାବ୍ୟରତ୍ନ "ମେଘଦୂତ" କେଉଁଠି ? ମୋଭଳି ସଂସ୍କୃତ ଭାଷାନଭିଜ୍ଞ ଜଣେ ସାଧାରଣ ଶିକ୍ଷକ ପକ୍ଷେ ଉକ୍ତ କାବ୍ୟର ରସାସ୍ୱାଦନ କରି ଓଡ଼ିଆ ଭାଷାରେ ତାହାର ପଦ୍ୟାନୁବାଦ ପ୍ରକାଶ କରିବା ପ୍ରୟାସ କେଉଁଠି ? ତଥାପି କି ଉଦ୍ଦୀପନାର ବଶବର୍ତ୍ତୀ ହୋଇ ମୁଁ ଏହାର ପଦ୍ୟାନୁବାଦ କରି ବସିଲି, ସହୃଦୟ ପାଠକ ପାଠିକାଙ୍କ ଆଗରେ ତାର କିଛି କୈଫିୟତ୍ ଦେବା ଉଚିତ । ଏଣୁ ନିମ୍ନରେ ଏ ସଂପର୍କରେ ଯତ୍ ସାମାନ୍ୟ "ନିଜ କଥା" ବ୍ୟକ୍ତ କରୁଛି ।

ଆପଣମାନେ ଜାଣନ୍ତି, କୋରାପୁଟ ଜିଲାଟି ଗିରିବନସଙ୍କୁଳ ଶିକ୍ଷାସଭ୍ୟତା ବିହୀନ ଆଦିବାସୀ ବହୁଳ ଏକ ଅନୁନ୍ନତ ଅଂଚଳ । ତଦନ୍ତର୍ଗତ ଏକ କ୍ଷୁଦ୍ର ସହର ହେଉଛି ନବରଙ୍ଗପୁର । ସେହି ସହରର ହାଇସ୍କୁଲ ମୋର କର୍ମକ୍ଷେତ୍ର । କିନ୍ତୁ ଏହି ଅଂଚଳ ତ ସେହି ଅତୀତ ଯୁଗର ପୁରାଣପ୍ରସିଦ୍ଧ ଦଣ୍ଡକାରଣ୍ୟ ବା ଡେକାନ୍‌ର ଏକ ଅଂଶ ! ତା'ରି କୋଳରେ ତ ମହାକବି କାଳିଦାସ ସ୍ୱକଳ୍ପିତ ବିରହୀ ଯକ୍ଷକୁ ସ୍ଥାନ ଦେଇ ପ୍ରାବୃଟ୍ ସମାଗମ କାଳୀନ ପ୍ରକୃତିକୁ ନେଇ ବିଶ୍ୱବିଖ୍ୟାତ "ମେଘଦୂତ" କାବ୍ୟକୁ ରଚନା କରିଛନ୍ତି ।

Digitized by PPRACHIN, SOA

ତେବେ ସେହି କମନୀୟ ପ୍ରକୃତିର ଭଣ୍ଡାର କୋଳପୃଷ୍ଠରେ ମୁଁ ମୁଁ ଜଣେ ନଗଣ୍ୟ ବ୍ୟକ୍ତି ହେଲେ ବି "ମେଘଦୂତ" କାବ୍ୟଟି ମୋ ଅଂଚଳର ଅଜ୍ଞାତ ସମ୍ପଦ ବୋଲି ଭାବନା କରି ଅଜ୍ଞାତର ଉପାସକ ହିସାବରେ ମୁଁ ଏହାର ଅନୁବାଦ ପ୍ରତି ବିଶେଷଭାବେ ଆକୃଷ୍ଟ ହେବା ସମୀଚୀନ ମନେକରେଁ ।

ସେଦିନ ୧୯୫୯ ମସିହା, ଜୁଲାଇ ୨୨ ତାରିଖ । ଅପରାହ୍ଣ ଘ ୧ ୧/୨ ଘଣ୍ଟା ପରେ ମୁଁ ଚତୁର୍ଥଶ୍ରେଣୀ କକ୍ଷରେ ଅଧ୍ୟାପନା କାର୍ଯ୍ୟରେ ବ୍ୟସ୍ତ । ଠିକ୍ ସେତିକି ବେଳେ ଘନକୃଷ୍ଣ ମେଘମାଳା କାହୁଁ ଘୋଟି ଆସି ଗୁରୁ ଗମ୍ଭୀର ଗର୍ଜ୍ଜନ ଓ ଘନଘନ ବିଦ୍ୟୁତ୍‌ସ୍ଫୁରଣ ସହ ପ୍ରବଳ ବୃଷ୍ଟି ଆରମ୍ଭ କରିଦେଲା । ଏତିକି ବେଳେ ଆମର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ 'ଦ୍ୱାଦଶୀ' ଜଗନ୍ନାଥମ୍ ମୋତେ ତାଙ୍କ ଅଫିସ କକ୍ଷକୁ ଆସିବା ଲାଗି ଖବର ଦେଲେ । ମୁଁ ଯାଇ ତାଙ୍କ ସମକ୍ଷରେ ବସିଲି, ଇଂରାଜୀ ଭାଷାରେ ସେ ନିଜେ ଲେଖିଥିବା ଏକ ପଦ୍ୟାଂଶ ପଢ଼ି କହିଲେ, "ତୁମେ ଏହାର ଓଡ଼ିଆ ଅନୁବାଦ କରି ପାରିବ ତ ?" ଏଠାରେ ପ୍ରସଙ୍ଗ କ୍ରମେ କୁହାଯାଇ ପାରେ, ଆମ ପ୍ରଧାନ ଶିକ୍ଷକ ମଧ୍ୟ ଜଣେ ସାହିତ୍ୟପ୍ରେମୀ । ଏଥି ପୂର୍ବରୁ ମୁଁ ଲେଖିଥିବା କେତୋଟି ତେଲୁଗୁ କବିତା ଦେଖି ସେ ମୋ ପ୍ରତି ଖୁବ୍ ପ୍ରୀତ ହୋଇଥାନ୍ତି ଏବଂ ଧାରା ବାହିକ ଭାବେ ମୋତେ କିଛି କିଛି ଲେଖିବାକୁ ଉପଦେଶ ଦିଅନ୍ତି । ସେ ଦିନ ପ୍ରଧାନ ଶିକ୍ଷକଙ୍କର ଏହି ଇଂରାଜୀ ପଦ୍ୟାଂଶଟି । ଶୁଣିବା ମାତ୍ରେ ଅବଗତ ହେଲି, ଏହା "ମେଘଦୂତ" କାବ୍ୟର ପ୍ରଥମ ଶ୍ଳୋକ । ପରେ ମୁଁ ପରବର୍ତ୍ତୀ ଅବସର ପିରିଅଡ଼ରେ ବସି ଉକ୍ତ ଶ୍ଳୋକର ଓଡ଼ିଆ ଅନୁବାଦ ବଙ୍ଗଳା ଶ୍ରୀ ରାଗରେ ଲେଖି ପ୍ରଧାନ ଶିକ୍ଷକଙ୍କ ଆଗରେ ପାଠକଲି ।

Digitized by PPRACHIN, SOA

ପ୍ରଧାନ ଶିକ୍ଷକ ଏବଂ ମୋର ଆବାଲ୍ୟ ଶିକ୍ଷକ ସ୍ଥାନୀୟ ହାଇସ୍କୁଲ ପଣ୍ଡିତ ଶ୍ରୀ ଭିକାରୀ ହୋତା ଉଭୟ ଭାଷା ପ୍ରବୀଣ ଏ ଦୁହେଁ ମୋର ଏ ଅନୁବାଦ ଖଣ୍ଡିକ ଶୁଣି ବିଶେଷ ପ୍ରୀତ ହେଲେ ଏବଂ ସମଗ୍ର ମେଘଦୂତ କାବ୍ୟର ଅନୁବାଦ କରିବାକୁ ମୋତେ ବିଶେଷ ଉତ୍ସାହ ଦେଇ ଏଥିରେ ପ୍ରବୃତ୍ତ କରାଇ ଥିଲେ । ସେ ଦିନ ଠାରୁ ମୁଁ ଆଗ୍ରହୀ ହୋଇ ମେଘଦୂତ ଅନୁବାଦରେ ପ୍ରୟାସୀ ହେଲି । ମୋର ଏତାଦୃଶ ଆଗ୍ରହ ଦେଖି ପଣ୍ଡିତ ଶ୍ରୀ ଭିକାରୀ ହୋତା ଅବସର ସମୟ ମାନଙ୍କରେ "ମେଘଦୂତ"ର ପ୍ରତ୍ୟେକ ଶ୍ଳୋକ, ଅନ୍ୱୟ ଓ ତତ୍ସମ୍ପୃକ୍ତ ମଲ୍ଲୀନାଥଙ୍କ ସଂଜୀବନୀଟୀକା ପଢ଼ି ମୋତେ ବୁଝାଇ ଦିଅନ୍ତି । ତାର ଭାବାର୍ଥ ଓଡ଼ିଆରେ ଟିପିରଖି ମୁଁ ତାହା ପଦ୍ୟାନୁବାଦ ଆକାରେ ପରିଣତ କରୁଥାଏ । ମଝି ମଝି ଆମ ସ୍କୁଲର ଦ୍ୱୀଷ୍ଟାପୁ ପଣ୍ଡିତ ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର ସାହିତ୍ୟ ବିଦ୍ୟାପ୍ରବୀଣ ବ୍ୟାକରଣ ଶାସ୍ତ୍ରୀ ଓ ମୋର ଅନ୍ତରଙ୍ଗବନ୍ଧୁ ଏବଂ ସହକର୍ମୀ ଶ୍ରୀ ଶଶୀଭୂଷଣ ପାଣିଗ୍ରାହୀ ଏ ଦୁହେଁ ମଧ୍ୟ ମୋର ଅନୂଦିତ ପଦ୍ୟାଂଶମାନ ଶୁଣି ଯଥେଷ୍ଟ ଉତ୍ସାହ ଦେଉଥିଲେ । ଏପରି ସ୍କୁଲକର୍ମ ଓ ପାରିବାରିକ ଜଞ୍ଜାଳ ମଧ୍ୟରେ ପଡ଼ିରହି ପ୍ରାୟ ଏକ ବର୍ଷ ଭିତରେ ମେଘଦୂତର ଅନୁବାଦ ଶେଷକଲି । ଅନୁବାଦ ଲେଖାର ଶେଷଦିନ ୧୯-୭-୭୦ ।

ମୁଁ ଜାଣେ, ଓଡ଼ିଶାର ବରେଣ୍ୟ କବି ଓ କବିବର ରାଧାନାଥ ରାୟ ଏବଂ ଆଧୁନିକ ଜାତୀୟ ସାହିତ୍ୟର ଜଣେ ସୁପରିଚିତ ଲେଖକ ଶ୍ରୀଯୁକ୍ତ ରାଧାମୋହନ ଗଡ଼ନାୟକ ମେଘଦୂତ କାବ୍ୟର ମାର୍ଜିତ ଅନୁବାଦ ମାନ କରି ଏ ଦିଗରେ ଜାତୀୟ ସାହିତ୍ୟର ଅଭାବ ଦୂର କରି ସାରିଛନ୍ତି । ତଥାପି ମୁଁ ଏକ ଅଜ୍ଞାତ ପ୍ରେରଣାର ବଶବର୍ତ୍ତୀ ହୋଇ ଏହାର ଆସ୍ୱାଦନରେ

Digitized by PPRACHIN, SOA

ବିମୁଗ୍ଧ ହେଲି ଓ ସେହି ଉନ୍ମାଦନା ଧରି ମୋର କ୍ଷୁଦ୍ର ବାଗ୍‌ବିଭବ ଖର୍ଚ୍ଚ କରି ମେଘଦୂତର ଅନୁବାଦ ସମ୍ପନ୍ନ କଲି ।

କିଛି କାଳ ପରେ ଏତଦ୍ ବିଷୟ ନେଇ ମୋର ମନ ନାନା ଚିନ୍ତାରେ ଆଲୋଡ଼ିତ ହେଲା, "ଏହା କିପରି ମୁଦ୍ରିତଗ୍ରନ୍ଥ ରୂପେ ପ୍ରକାଶ ପାଇବ ? ସତେ କ'ଣ ବର୍ଷାର ମାଳତୀ ପରି ଏହି କୋରାପୁଟ ଅରଣ୍ୟ ଭିତରେ ଏହାର ପାଣ୍ଡୁଲିପି ଖଣ୍ଡିକ ସଡ଼ି ନଷ୍ଟ ହୋଇ ଯିବ ?" କିନ୍ତୁ ଯେଉଁ ଦୟାମୟୀ ବାଗ୍‌ଦେବୀଙ୍କ ପ୍ରସାଦରୁ ମୁଁ ଏ ଯାଏ କୃତକାର୍ଯ୍ୟ ହୋଇଥିଲି, ହୁଏତ ତାଙ୍କରି ମହିମାରୁ ମତ୍‌କର୍ତ୍ତୃକ ଅନୂଦିତ ମେଘଦୂତ କାବ୍ୟ ଖଣ୍ଡିକ ମୋର ନିବାସସ୍ଥଳ ନବରଙ୍ଗପୁରରେ ହିଁ ମୁଦ୍ରିତଗ୍ରନ୍ଥ ଆକାରରେ ଯଥା ସମୟରେ ପ୍ରକାଶ ପାଇଲା । ମୋର ଅଗ୍ରଜ ପ୍ରତିମ, କୋରାପୁଟ ଜିଲାର ଅପ୍ରତିଦ୍ୱନ୍ଦ୍ୱୀ ପୂଜ୍ୟ ନେତା ଓ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀଙ୍କ ଆଗ୍ରହ ଓ ସମୁଚିତ ଆର୍ଥିକ ସାହାଯ୍ୟ ଲାଭରେ ସ୍ଥାନୀୟ "ଜନସେବା" ମୁଦ୍ରଣାଳୟରେ ଗ୍ରନ୍ଥ ଖଣ୍ଡିକ ମୁଦ୍ରିତ ହୋଇ ପାରିଲା । ଏଥି ନିମନ୍ତେ ମୁଁ ଶ୍ରୀଯୁକ୍ତ ତ୍ରିପାଠୀ ବାବୁଙ୍କଠାରେ ଏବଂ "ଜନସେବା" ମୁଦ୍ରଣାଳୟର ପରିଚାଳକଙ୍କ ଠାରେ କୃତଜ୍ଞତା ପାଶରେ ଆବଦ୍ଧ ହୋଇ ରହିଲି । ଇତି ।।

ଲେଖକ

Digitized by PPRACHIN, SOA

ଗ୍ରନ୍ଥପରିଚୟ

ଗନ୍ଧର୍ବରାଜ କୁବେରଙ୍କ ଅଳକାପୁରୀରେ କୌଣସି ଏକ ଅନୁଜୀବୀ ଗନ୍ଧର୍ବ ଯୁବକ ସ୍ୱପତ୍ନୀର ବିରହ ବେଦନାରେ ହତବୁଦ୍ଧି ହୋଇ ସ୍ୱକର୍ତ୍ତବ୍ୟରେ ଅବହେଳା ଦେଖାଇବାରୁ କୁବେର ତାର ଏତାଦୃଶ ପ୍ରମାଦ ପ୍ରଦର୍ଶନରେ କୁପିତ ହୋଇ ଉକ୍ତ ଯକ୍ଷଯୁବକକୁ ଏକ ବର୍ଷପାଏ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଥିଲେ । ରାଜ-ଦଣ୍ଡରେ ଦଣ୍ଡିତ ଯକ୍ଷ ଭାରତର ଦାକ୍ଷିଣାତ୍ୟ ଦଣ୍ଡକାରଣ୍ୟ ଅନ୍ତର୍ଗତ ରାମଗିରି [ମଲ୍ଲୀନାଥ ମତରେ ଚିତ୍ରକୂଟ] ପର୍ବତ ପାଦ ଦେଶରେ ସ୍ନିଗ୍ଧ ସୁଶୀତଳ ଛାୟାପ୍ରଦ ବୃକ୍ଷମାନଙ୍କ ତଳେ ବାସ କରି ରହିଥିଲା । ବିରହୀ ଯକ୍ଷ ସେଠାରେ ସ୍ୱପ୍ରିୟାର ରୂପଗୁଣ ଅନୁଧ୍ୟାନରେ ମର୍ମେ ମର୍ମେ ବିଷମ ବିରହ ଜ୍ୱାଳା ଅନୁଭବ କରି କ୍ରମେ କ୍ରମେ କ୍ଷୀଣ ଦୁର୍ବଳ ହୋଇ ପଡ଼ି ରହିଲା । ଆଷାଢ଼ ଆସିଲା, ଦକ୍ଷିଣ ପଶ୍ଚିମ ଆଡ଼ୁ ଖଣ୍ଡ ଖଣ୍ଡ କଳା ବାଦଲ ନୀଳ ଆକାଶରେ ଭାସି ଭାସି ଉତ୍ତରାଭିମୁଖୀ ହୋଇ ଚାଲି ଥାନ୍ତି । ତହିଁରୁ ଖଣ୍ଡିଏ ମେଘ ସନ୍ନିକଟ ପର୍ବତ ଶୃଙ୍ଗରେ ଆସି ବପ୍ରକ୍ରୀଡ଼ାରତ ହସ୍ତୀର ଶୋଭା ଧରି ରହିଛି । ପତ୍ନୀ ବିରହରେ ହତବୁଦ୍ଧି ଯକ୍ଷ, ଉକ୍ତ ମେଘ ଖଣ୍ଡକୁ ଦେଖି, ତାହାର ଦ୍ୱାରା ସ୍ୱ ପତ୍ନୀ ନିକଟକୁ ସମ୍ବାଦ ପ୍ରେରଣ କରିବା ପାଇଁ ତତ୍ପର ହେଲା । ପ୍ରେମ ପାଗଳ ଯକ୍ଷ ଜଡ଼ ମେଘ ଖଣ୍ଡଟିକୁ ଏକ

Digitized by PPRACHIN, SOA

ପ୍ରାଣ ବନ୍ତ ପୁରୁଷ ରୂପେ ସ୍ଥିର କରି ତାହାପ୍ରତି ସମ୍ବୋଧନ କରି ଯାହା ଯାହା କହିଥିଲ, ତାହା ଏହି କାବ୍ୟର ବିଷୟ ବସ୍ତୁ ।

ମେଘକୁ ଯକ୍ଷର ପ୍ରେୟସୀ ନିକଟକୁ ସମ୍ବାଦ ବାହକ ବା ଦୂତ ରୂପେ ପଠାଇବା ପ୍ରସଙ୍ଗରେ ରାମଗିରି [ଦାକ୍ଷିଣାତ୍ୟ ମାଳ ଭୂମି ଅନ୍ତର୍ଗତ ଶୈଳ କୂଟ] ଠାରୁ ଭାରତର ଉତ୍ତର ସୀମାନ୍ତ ହିମାଳୟର ଅପର ପାର୍ଶ୍ୱବର୍ତ୍ତୀ କୈଳାସ ପର୍ବତ ପର୍ଯ୍ୟନ୍ତ ତଦାନୀ-ନ୍ତନ ଭାରତର ଭୌଗୋଳିକ ଚିତ୍ର ଓ ପ୍ରାବୃଟ୍ କାଳୀନ ପ୍ରାକୃତିକ ଦୃଶ୍ୟ ଗୁଡ଼ିକ କବି କାଳିଦାସ ଯକ୍ଷମୁଖରେ ଯେପରି ଫୁଟାଇ ପାରିଛନ୍ତି, ସେହି ଅନୁପମ ବର୍ଣ୍ଣନା ଭଙ୍ଗୀ ଭାରତୀୟ ସାହିତ୍ୟ ରାଜ୍ୟରେ ଅନନ୍ତ କାଳ ପାଏ ନିତ୍ୟ ନୂତନ ରୂପେ ବିରାଜିତ ରହିବ । ହୁଏତ ପରବର୍ତ୍ତୀ ଯୁଗର କେତେକ କବି ମେଘ ଦୂତ ମଧ୍ୟରେ କେତୋଟି ଶ୍ଳୋକ ଅଧିକା ଯୋଗ କରି ଦେଇଛନ୍ତି । ସେ ଗୁଡ଼ିକୁ ପ୍ରକ୍ଷିପ୍ତ ଶ୍ଳୋକ କହାଯାଏ । ମୂଳ ବର୍ଣ୍ଣନାର କ୍ରମ ରକ୍ଷା ପ୍ରତି ଦୃଷ୍ଟି ଦେଲେ ଏହି ପ୍ରକ୍ଷିପ୍ତ ଶ୍ଳୋକ ଗୁଡ଼ିକର ସାମଞ୍ଜସ୍ୟ ନ ଥିଲା ପରି ମନେ ହୁଏ । ମଲ୍ଲି ନାଥଙ୍କ ସଂଜୀବନୀ ଟୀକାରେ ମଧ୍ୟ ପୂର୍ବ ମେଘର ୧୮ ଏବଂ ୨୧ ଶ୍ଳୋକ ପରବର୍ତ୍ତୀ ଦୁଇଟି ଏବଂ ଉତ୍ତରମେଘରେ ୨ୟ ଓ ୩ୟ ଶ୍ଳୋକ ମଧ୍ୟବର୍ତ୍ତୀ ଦୁଇଟି ତଥା ଶେଷତମ ୫୩ ଓ ୫୪ ଶ୍ଳୋକ ଦୁଇଟି, ଏପରି ମୋଟ ୬ଟି ଶ୍ଳୋକ ବାଦ୍ ଦିଆ ଯାଇଛି । ଏଣୁ ମତ୍‌କୃତ ଅନୁବାଦରେ ଉଲ୍ଲିଖିତ ଶ୍ଳୋକମାନଙ୍କୁ ସ୍ଥାନ ଦିଆଯାଇ ନାହିଁ । କାରଣ ସ୍ୱରୂପ କୁହାଯାଇ ପାରେ— ପୂର୍ବମେଘ ୫ମ ଶ୍ଳୋକରେ ଅଛି, "ଧୂମ, ଜ୍ୟୋତି, ଜଳ ଓ ବାୟୁର ମିଶ୍ରଣରେ ଗଠିତ ଜଡ଼ ମେଘଖଣ୍ଡିଏ ଯଦିଓ ପ୍ରାଣବନ୍ତ ବ୍ୟକ୍ତି ଦ୍ୱାରା ପ୍ରେଷଣୀୟ ସମ୍ବାଦ ନେଇ ନର୍ଦ୍ଦିଷ୍ଟ ଗ୍ରାହକ

Digitized by PPRACHIN, SOA

ନିକଟରେ ପହଞ୍ଚିବା କଦାପି ସମ୍ଭବ ନୁହେ । ତଥାପି ପ୍ରେମପାଗଳ ହତାଶ୍ୱତ ଜ୍ଞାନଶୂନ୍ୟ ଯକ୍ଷ ସେହି ଜଡ଼ ମେଘକୁ ନିଜର ମର୍ମବେଦନା ଜଣାଇ ଗନ୍ତବ୍ୟ ମାର୍ଗରେ କପରି ଯିବାକୁ ହେବ, ସେସବୁ କହି ଦୃଦ୍ୟିଛି । ଏଣେ ଉତ୍ତର ମେଘର ଶେଷତମ ଦୁଇଟି ପ୍ରକ୍ଷିପ୍ତ ଶ୍ଳୋକର ବିଷୟ ମୂଳ ମେଘ ଦୂତ ସହିତ ସମାନ ନଥିବାର ସ୍ପଷ୍ଟ ଅନୁମିତ ହୁଏ ।

ଏହି କାବ୍ୟରେ ମୁଖ୍ୟତଃ ବିପ୍ରଲମ୍ଭ ଶୃଙ୍ଗାରରସକୁ ଭିତ୍ତିକରି ବିଷୟ ବସ୍ତୁ ପ୍ରଦତ୍ତ ହୋଇଅଛି । କାଳିଦାସଙ୍କ ଭାଷା ଓ ଭାବ ଅକ୍ଷୁଣ୍ଣ ରଖି ମେଘଦୂତର ଅନୁବାଦ ଗ୍ରନ୍ଥରେ ଅନେକ ତ୍ରୁଟି ରହି ଯିବା ସ୍ୱାଭାବିକ । ତଥାପି ସହୃଦୟ ପାଠକ, ପାଠିକା ଗଣଙ୍କଠାରେ ବିନୀତ ନିବେଦନ ଏହିଯେ,ମୋର ଏ ଉଦ୍ୟମ ପ୍ରତି ସହାନୁଭୂତି ଦେଖାଇ ଏହି ଅନୂଦିତ ମେଘଦୂତ ପାଠ କଲେ ମୋର ଶ୍ରମ ସାର୍ଥକ ହେବ । ଇତି ॥

ବଶଂବଦ,

ଅନୁବାଦକ,

Digitized by PPRACHIN, SOA

ଉତ୍ସର୍ଗ ପତ୍ର

ଯେଉଁ ଦିନ ଏହି କୋରାପୁଟ ଜିଲ୍ଲା ତଦାନୀନ୍ତନ ମାନ୍ଦ୍ରାଜ ପ୍ରଦେଶର ହସ୍ତମୁଦ୍ର ମାହାଲ୍ ରୂପେ ସମସ୍ତ ପ୍ରକାର ବିକାଶରୁ ବଞ୍ଚିତ ହୋଇ ରହିଥିଲା, ଯେତେବେଳେ ସମସ୍ତ ସରକାରୀ ଓ ତତ୍କାଳୀନ ଜମିଦାରି ଅନୁଷ୍ଠାନର ଅଫିସର, ଅମଲା, ଠିକାଦାର, ବଣିକ ସମସ୍ତ ଅଣଓଡ଼ିଆଙ୍କ ଅବାଧ ପ୍ରଭୁତ୍ୱରେ ଆମେ ଲକ୍ଷଲକ୍ଷ ଓଡ଼ିଆ ଲାଞ୍ଛିତ, ଅବହେଳିତ ଓ ନିଃସହାୟ ହୋଇ ପଡ଼ି ରହିଥିଲୁ, ସେତେବେଳେ ଏହି ଓଡ଼ିଆଙ୍କ ଭିତରୁ କେତେଜଣ କର୍ମବୀର ଉତ୍କଳସମ୍ମିଳନୀର ଆହ୍ୱାନରେ ଏକଜିଲ୍ଲାରେ ଓଡ଼ିଶା ଦେଶ ମିଶ୍ରଣ ଆନ୍ଦୋଳନକୁ ଉଜ୍ଜୀବିତ କରି ଆମମାନଙ୍କ ପ୍ରାଣରେ ଏକ ସ୍ପନ୍ଦନ ଆଣିଥିଲେ । ତନ୍ମଧ୍ୟରୁ ଅନ୍ୟତମ ବଳିଷ୍ଠ ନେତା ମୋର ଜ୍ୟେଷ୍ଠ ପିତୃବ୍ୟ ସ୍ୱାମୀୟ ସ୍ୱର୍ଗତ ଶ୍ରୀ ମହାଦେବ ତ୍ରିପାଠୀ । ତାଙ୍କର ଦୈନନ୍ଦିନ ସମ୍ବାଦ ପତ୍ର ପୁରାଣ ଓ ଗ୍ରନ୍ଥଚର୍ଚ୍ଚା, ଦାନ, ସାଧୁସନ୍ନ୍ୟାସୀଙ୍କ ପ୍ରତି ଦାନ ଓ ପ୍ରତି ଜାତୀୟ ଉତ୍ସବ, ଅନୁଷ୍ଠାନ ପ୍ରତି ଅକୁଣ୍ଠ ସାହାଯ୍ୟ, ଏସବୁ ଯେବେ ଆମ୍ଭମାନଙ୍କ ସ୍ମୃତିପଟରେ ଖେଳିଯାଏ, ତେବେ ଗୁଣେ ତାଙ୍କର ଶ୍ରେଷ୍ଠବ୍ୟକ୍ତିତ୍ୱ ତଳେ ଆମର ମସ୍ତକ ଅବନତହୁଏ । ୧୯୩୪ ମସିହାର ଜୟପୁର ପ୍ରାନ୍ତୀୟ ଉତ୍କଳ ସମ୍ମିଳନୀରେ ସେଥିଲେ ଅଭ୍ୟର୍ଥନା ସମିତିର ସଭାପତି ।

Digitized by PPRACHIN, SOA

৺ ମହାଦେବ ତ୍ରିପାଠୀ

Digitized by PPRACHIN, SOA

ରାଜସ୍ୱ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀ ବର୍ତ୍ତମାନ ତାଙ୍କର ଯୋଗ୍ୟ ଦାୟାଦ ରୂପେ ଆମ୍ଭମାନଙ୍କ ଆଦରଣୀୟ ନେତା । ସେହି କର୍ମବୀରଙ୍କ ତ୍ୟାଗ, ଦେଶ ପ୍ରାଣତା ଓ ନିର୍ଭୀକତାର ଜ୍ୟୋତିରେ ହିଁ ଏବେ ଆମମାନଙ୍କ ସଦାଶିବ ବାବୁ ଆଲୋକ ପଥର ଯାତ୍ରୀ । ଆଜି ସେହି ଦେବ ପ୍ରତିମ ମହାଦେବ ତ୍ରିପାଠୀଙ୍କ ପବିତ୍ର ନାମରେ ଏ ଅକିଞ୍ଚନ ସ୍ୱ ବିରଚିତ ମେଘ ଦୂତ କାବ୍ୟଟି ଉତ୍ସର୍ଗ କଲି । ଇତି ॥

ତ୍ରିପୁରାରି

…○…

Digitized by PPRACHIN, SOA

ଉପହାର

ଶ୍ରୀମାନ୍/ଶ୍ରୀମତୀ ଶ୍ରୀ ବୀରେନ ମିତ୍ର,

ଉପ ମୁଖ୍ୟ ମନ୍ତ୍ରୀ, ଙ୍କ କରକମଳରେ

ଲେଖକ

୧୪ . ୧୦ . ୬୩

Digitized by PPRACHIN, SOA

ବାଣୀ ବନ୍ଦନା

ହୀରକ ରଞ୍ଜିତ ପଦ୍ମରାଗ ମଣି ସମ ,
ଶୁକ୍ଳ ପଦ୍ମେ ପଦ୍ମପାଦ ଥାପିଛ ସୁଷମ ।
ଦୁଗ୍ଧଫେନ ନିଭ ସ୍ନିଗ୍ଧ ବସନର ଶୋଭା ,
ମୟୂର ବରଟେ ପୁଚ୍ଛେ ମରକତ ପ୍ରଭା ।
ବୃନ୍ଦାରକ ବୃନ୍ଦବନ୍ଦ୍ୟ ଅନବଦ୍ୟ ସୁନ୍ଦର ,
ନିନ୍ଦାର ନନ୍ଦିତ ତନୁ କରେ ବୀଣାବର ।
ବିଶାଳାକ୍ଷୀ ପଦ୍ମାନନା କାଶ-ମୃଦ୍ହାସିନୀ ,
ବ୍ୟାସ ବାଲ୍ମୀକି କାଳିଦାସ ପ୍ରସବିନୀ ।
ଅଜ୍ଞାନ-ତିମିର ନାଶି-ମହା ଲୋକ ରୂପା ,
ଅକିଞ୍ଚନ ଚିତ ମାତ ଅଣ୍ଡ ମାନ କୃପା ।

Digitized by PPRACHIN, SOA

ପୂର୍ବ ମେଘ

Digitized by PPRACHIN, SOA

Digitized by PPRACHIN, SOA

କେହି କାମାତୁର ଯକ୍ଷ କିଙ୍କର
ତେଜି ନିଜ କାର୍ଯ୍ୟ, ବାସେ ,
ତହିଁଲା ବିରହ ହେବାରୁ ଦୁଃସହ
ପ୍ରେୟସୀ-ପ୍ରଣୟ-ପାଶେ ;
ଝନ୍ତରେଶ ପତି କାନ୍ତାଅନୁରାଗୀ
ସେ ଯକ୍ଷ ସ୍ତବକେ ଯାଇ,
ଲଭିଲେ ଯେ ଶାପ, ହରନ୍ତ ପ୍ରତାପ
ବରଷେ ଭୋଗିବା ପାଇଁ ।
ନେହାଇ ସ୍ନାନପ୍ରଭ ଧର୍ମଙ୍କ ଉଦକ
ରାମଗିରି ଆଶ୍ରମରେ ,
ଜନକ ତନୟା- ସ୍ନାନେ ପୁଣ୍ୟ ତୋୟା
ନିର୍ଝରଣୀ ଯହିଁ ବହେ ।
ତଟେ ତରୁତଳ ସ୍ନିଗ୍ଧ ସୁଶୀତଳ
କୁଞ୍ଜରେ ରୁଚିର ଅତି,
ମନର କାତର— ବସରେ ମାତର
ଜାଳିବ ବିଚ୍ଛେଦ-ବତି ।

Digitized by PPRACHIN, SOA

[୨]

ସେ ଗିରି ନିକଟେ ତଟିନୀର ତଟେ
ଲକ୍ଷ୍ୟଭ୍ରଷ୍ଟ ଯକ୍ଷ ରହି ,
ବିରହରେ କ୍ଷୀଣ ହେଲା ଦିନୁ ଦିନ
ଅନଙ୍ଗେ ଅଙ୍ଗକୁ ଦହି ।
କାଳ ତହିଁ ଗ୍ରାସ କଲା କେତେ ମାସ
କାନ୍ତା ଚିନ୍ତା କରୁ କରୁ ,
ଉଠେକ ହାଟକ କଙ୍କଣ ଗୋଟିକ
ଖସି ଗଲା କୃଶ କରୁ ।
ଆଷାଢ଼ ପ୍ରବେଶେ ପ୍ରଥମ ଦିବସେ
ବିରହ ବିଧୁର ଯକ୍ଷ ,
ସେ ଗିରି ଶୃଙ୍ଗରେ ଘନ ବରଙ୍ଗରେ
ଝୁମ୍ନ ଅଭ୍ର କଲା ଲକ୍ଷ୍ୟ ।
ବପ୍ର କ୍ରୀଡାରତ ମତ୍ତ କରୀ ଦନ୍ତ
କରୁଥିଲା ଘର ଘାତ ,
ଗିରି ଶୃଙ୍ଗ ପରେ ସେତିକି ରଙ୍ଗରେ
ଝିନ୍ନ ଅଭ୍ର ପ୍ରତିଭାତ ।

Digitized by PPRACHIN, SOA

[୩]

ଅଶ୍ରୁ ଛଳ ଛଳ ନୟନ ଯୁଗଳ
ଶଙ୍କାରେ ତ ନାହିଁ ସ୍ପୃହା ,
ଜୀବନଦ ତଳେ •ଉଭା ହେଲା ହେଲେ
ଯେହ୍ନେ ଜୀବନ୍ମୃତ ଅବା ।
କ ଭାବ ଆବେଶ ହେବାରୁ ଏ କ୍ଲେଶ
ସହଇ ଜୀବନେ ତାର,
ଆତପରୁ ତାପ ବିରହ- ସନ୍ତାପ
କରେ ସିନା ଗୁରୁଖାର ।
ପ୍ରଣୟୀ ପାଶରେ ସର୍ବଦା ବାସରେ
ପ୍ରଣୟିନୀ ଥାଉ ଥାଉ ,
ଦେଖି ନବଘନ ଥରେ ଅପଘନ
ଅନଙ୍ଗ ସାଧଇ ଦାଉ ।
କି କହିବା ତାର ଚଉର ବକାର
କ ଦୁଃଖ ଭୋଗେ ଅନ୍ତରେ ,
ଯା'ର ପ୍ରମୋଦିନୀ ଜୀବନ ସଙ୍ଗିନୀ
ରହେ ଦୂର ଦେଶାନ୍ତରେ ।

Digitized by PPRACHIN, SOA

[୪]

ଆଷାଢ଼ର ଶେଷେ ଶ୍ରାବଣ ପ୍ରବେଶେ
ବରଷା-ପ୍ରବଳ କାଳ,
ନବୀନ କଣ୍ଠଶୋଷ ଜୀବନ-ଇଚ୍ଛୁକ-
-ଜୀବନ୍ତେ ହୋଇବ କାଳ ।
ଜଗତ ଜୀବ- ନଷ୍ଟ ନା ତା ଜୀବ
କରିବ ସତେ ଧାରଣ ?
ଜଳ ଘନେ ଚାର ଶୁଭ ସମାଚାର
ଇଚ୍ଛେ କରିବ ପ୍ରେରଣ ।
ତେଣୁ କୂଟ-ତଟ- ସଦ୍ୟ ପରିସ୍ଫୁଟ-
କୁଟଜ କୁସୁମ ଆଣି ,
ଉଲ୍ଲସିତ ହୋଇ ଉପହାର ଦେଇ
ଜଣାରେ ସ୍ୱାଗତ ବାଣୀ ।

[୫]

ଧୂମ, ଜ୍ୟୋତି, ଜଳ, ବାୟୁ ସମାକୁଳ
ଜଡ଼ ବସ୍ତୁ ମେଘ କାହିଁ ?
କାହିଁ ପ୍ରାଣବନ୍ତ ଜନରେ ଉଦନ୍ତ
ପ୍ରେରିତ ହୋଇବା ପାଇଁ ।
ବିରହେ କାତର ହେବାରୁ କିନ୍ନର
ବିଚାର ବିହୀନ ଚିତ୍ତ,

Digitized by PPRACHIN, SOA

ଗିରି ଶୃଙ୍ଗ ମେଘେ ମନର ଆବେଗେ
ଅରଚଇ ନିଜ ହିତେ ।
ବିବେକ ବିହୀନ କାମାତୁର ଜନ
ଚେତନା ଚେତନ ଜ୍ଞାନ-
ଶୂନ୍ୟ ହୋଇ ଅନ୍ୟ- ମନସ୍କ ସମାନ
ଉଦାସେ କରଇ ଧ୍ୟାନ ।

[୬]

"ଜାଣେ ଜଳଧାରି ! କାମ ରୂପ ଧାରୀ"
ଭୁବନ ବିଦିତ ବଂଶେ,
ହୋଇଛ ସମ୍ଭୂତ ପୁଷ୍କର ଆବର୍ତ୍ତ
ଆଦି ସୁପ୍ରଖ୍ୟାତ ଅଂଶେ ।
ପୁରୁହୂତ ଯଶ- ବିଧାତେ ସରସ
ପ୍ରକୃତ ପୁରୁଷ ରୂପ,
ବିଧିରୁଷ୍ଟ ଜନେ କରିବ ସୁମନେ
ଉପକାର ଅନୁରୂପ ।
ଉନ୍ନତେ କାମନା ଚରିତାର୍ଥ ବିନା
ହେଉ ପଛେ ଅପଯଶ,
ନୀଚ ଜନେ ସିଦ୍ଧି ଲଭିବା ଅବଧି
ହୀନତାରେ ହୋଇ ବଶ ।

Digitized by PPRACHIN, SOA

[୭]

ସନ୍ତାପିତ ଜନ   ଶରଣ ରକ୍ଷଣ
          ଯେନ ଆହେ ଜଳଧର !
ଧନପତି ରୋଷ-   ବଶତ୍ରୁ ବିଶେଷ
          ବିଚ୍ଛେଦ ହୋଇଛି ମୋର ।
ମୋ ପ୍ରିୟା ପାଶକୁ   ମୋ ନିଜ ଦେଶକୁ
          ଯେନ ସନ୍ଦେଶକୁ ନିବ ,
ଯହିଁରତ ଧାନେ   ବାହାର ଉଦ୍ୟାନେ
          ସମାସୀନ ସଦାଶିବ ।
ଦେବ- ଦେବ- ଶିର-   ଶୀତ-କର- କର-
          ପ୍ଲାବିତ ସୁନ୍ଦର ହର୍ମ୍ୟ-
ପୂରିତ ନଗରୀ   ଯକ୍ଷରାଜ୍ୟ ଶିରୀ
          ଅଳକା ପୁରୀ କି ରମ୍ୟ !

[୮]

ଆରୋହିବ ଆକାଶ   ହୋଇଲେ ପ୍ରକାଶ
          ତୃଷିତ ନେତ୍ରେ ନିରେଖି,
ପଥିକ ଲଳନା   କରିବେ କଳନା
          ଚୂର୍ଣ୍ଣି କୁନ୍ତଳକୁ ଟେକି ।
" ଏଥର ଏକାନ୍ତ-   ଜୀବନର ଅନ୍ତ
          ନିଶ୍ଚୟ କରିବେ କାନ୍ତ ,

Digitized by PPRACHIN, SOA

ଫେରିବେ ବିଦେଶୁଁ ଦୂର ପରବାସୁଁ
ବିରହ ହୋଇବ ଶାନ୍ତ । ”
ପ୍ରବାସୀ ଯେଜନ ଦେଖି ନବଘନ
ତେଜ କି ପାରେ କାମିନୀ ?
ଫେରିବ ବାସକୁ ସ୍ୱପ୍ରିୟା ପାଶକୁ
ହରିବ ସୁଖେ ଯାମିନୀ ।
ନାହିଁ ପରାଧୀନ ମୋହ ପରି ଆନ
ରହିଛି ଆଦର ବିନ,
ତରୁଣୀ ବିକଳେ ବିରହ ଅନଳେ
ଜାଳିବାକୁ ଯଉବନ ।

[୯]

ଜଳ ଉତ୍ସାହିତ ହୁଏ ପ୍ରବାହିତ
ଅନୁକୂଳ ମନ୍ଦାନିଳ ,
ବାମେ ରଚେ ଗାନ ଟେକି ଗର୍ବେ ତାନ
ଚାତକ କୂଜନଶୀଳ ।
ଏ ଶୁଭ ସମୟ ଅତି ମଧୁମୟ
ଜାଣି, ଯାତ୍ରା ଅନୁକୂଳ ,
କର ହେ ବାରିଦ ! ହର ମୋର ଖେଦ
ହୃଦୟ ହୁଏ ବ୍ୟାକୁଳ ।

Digitized by PPRACHIN, SOA

ନଳା କମଣ୍ଡଳୁ- ରୂପ ନେତ୍ରାଞ୍ଜଳୁ
ଦେଖିଲେ ବଳାକା ମାଳା,
ନିଂଶବେ ସ୍ମରେତ୍ର ଗର୍ଭକାଳ ହେତେ
ମଳାକାଶେ ରଚି ମାଳା ।

[୧୦]

ତବ ଭ୍ରାତୃଜାୟା ହେବ ମୋର ପ୍ରିୟା!
ସଖି ଆଉ ମନୋନ୍ମାଦାଣ୍ଡ ,
ଶାପ ଅବସାନେ ମୋ ପ୍ରତ୍ୟାଗମନେ
ଆଶାରଞ୍ଜି ସୁକୁମାରୀ ;
ନଚେଠଞ୍ଚ ଫରାଣ ଗଣୁ ଥିବ ଦିନ
ସ୍ଵବ ସମାଗମ ଆଶେ ,
ନରନ୍ଧି ପଥରେ ଅବାଧ ଗତିରେ
ଦେଖିବ ଯାଇତା ପାଶେ ।
ଆଶାବୃନ୍ତ ବଶ ସୁମନ ସଦୃଶ
କାମିନୀ କୋମଳ ହୃଦ,
କୋମଳତର ସେ ହୁଅଇ ଝରନ୍ତି
ହୋଇଲେ ବିରହରୁଦ୍ଧ ।
ନହେଲେ ପୁଷ୍ପବାସି ଝଡୁଥାଏ ଖସି
ବୃନ୍ତ ଯିନା ରସି ଧରେ,

Digitized by PPRACHIN, SOA

ଆଶାୟୀ ଯେଜନ ନଚେତକ ଜୀବନ
ଆଶାକୁ ଭରସା କରେ ।
(୧୧)
ସ୍ତନିତ ଯେ ତବ ଛତ୍ରାକ ଉଦ୍ଭବ
ଧରଣୀ ଗର୍ଭରୁ କରେ
ନୁହଇ ସେ ବନ୍ଧ୍ୟା ଜଗଜ୍ଜନ ବନ୍ଧ୍ୟା
ବୋଲି କହେ ଉଚ୍ଚ ସ୍ୱରେ ।
ସେ ଶ୍ରୁତି ରଞ୍ଜନ ମଞ୍ଜୁଳ ନିଃସ୍ୱନ
ଶୁଣି ରାଜହଂସ ରାଜି,
କଇଳାସ ଗିରି ଯାଏଁ ଅନୁସରି
ଯିବାକୁ ହୋଇବେ ରାଜି ।
ମାନ·ରେ ଆଶ ମାନସରେ ବାସ
ଚଞ୍ଚୁରେ ଖଣ୍ଡ ମୃଣାଳ —
ପାଥେୟକୁ ଧରି ପଥିକଙ୍କ ପରି
ସାଥେ ଗମିବେ ମରାଳ ।
(୧୨)
ଘନ ଶ୍ୟାମ ରାମ ରାଜୀବ ଚରଣ
ଉଚ୍ଚ ଚିତ୍ରକୂଟ ଗିରି—
କଟିରେ ପ୍ରକଟି କରିଅଛୁ ଗୋଟି
କୋଟି ଲାବଣ୍ୟର ଶିରୀ ।

Digitized by PPRACHIN, SOA

ପବନ ସେ ନଗ　　　　　　　　　　　　　　　　　　　　　　ବନ୍ଧୁ ଅନୁରାଗ
　　　　　　　　ପ୍ରିୟ ମିତ୍ର ସମ୍ଭାଷଣେ,
କର ଆପ୍ୟାୟିତ　　　　　　　　　　　　　　　　　　　ହର ତାର ଚିନ୍ତ
　　　　　　　　ବିଦାୟୂର ଆଲିଙ୍ଗନେ ।
ଦେଖ କି ସରାଗ　　　　　　　　　　　　　　　　　　　　ଚିର ଅନୁରାଗ
　　　　　　　　ପ୍ରତି ସମାଗମ କାଳେ,
ବ୍ୟଥାଭରା ହୃଦେ　　　　　　　　　　　　　　　　　　ବିରହ ବିଚ୍ଛେଦେ
　　　　　　　　ଉଷ୍ଣୋଦକ ନେତ୍ରୁ ଢାଳେ ।

[୧୩]

ପ୍ରଥମେ ଶ୍ରବଣ　　　　　　　　　　　　　　　　　　　କର ନବଘନ !
　　　　　　　　କେଉଁ ମାର୍ଗ ଅନୁସର ,
ଯିବ ଯେବେ ମୋର　　　　　　　　　　　　　　　　　　ସନ୍ଦେଶ ନକର
　　　　　　　　କର୍ଣ୍ଣେ ପାନ କଲା ପର ।
ଯେଉଁ ନଦୀନଦ　　　　　　　　　　　　　　　　　　　　କେତେ ଜନ ପଦ
　　　　　　　　ଊର୍ଦ୍ଧ୍ୱ ପଥ ଅତିକ୍ରମ
କରିବା ସମୟେ,　　　　　　　　　　　　　　　　　　　ସମୟେ,ସମୟେ
　　　　　　　　ଶରୀରେ ହୋଇବ ଶ୍ରମ .

Digitized by PPRACHIN, SOA

କହିବ ବାର୍ତ୍ତାମ   ଯହିଁ ତହିଁ ଶ୍ୟାମ-
ଶୈଳ ଶିଖରେ ଆସି
କ୍ଷୀଣ ତଟିନୀର   ପାନକରି ନୀର
ଯିବ ତୃଷା ନାଶି ନାଶି !

[୧୪]

ସରସ ନିଚୁଳ   ଯୋଗେ ଏ ସ୍ଥବଳ
ଶତ କୂଠ ଚୂଳୁଁ ଉଠି ,
ବ୍ୟୋମ ପଥେ ଯୋଡି   ଯିବ ହେ ଯେବେଟି
ଉତ୍ତରକୁ ଦେଇଦୃଷ୍ଟି ;
ଗମନର କ୍ରମ   କରି ଅବଲୋକନ
ସୁନ୍ଦରୀ ସିଦ୍ଧ ଅଙ୍ଗନା ,
ବିସ୍ମିତ ମନରେ   ଭାଳିବେ ବନରେ
ହେଲ୍ କିବା ବିଡମ୍ବନା !
"ପ୍ରଭଞ୍ଜନ ବଳ   ଅଟଇ ପ୍ରବଳ
ଉପାଡ଼ ଗିରିର ଚୂଳ
ଦେଖାଇ ବଡ଼ାଇ   ନିଏକି ଉଡ଼ାଇ
ହୋଇ ତାର ପ୍ରତିକୂଳ ।"

Digitized by PPRACHIN, SOA

ପଥରେ ଦଙ୍‌ନାଗ ଦେଖାଇ ଦରାଗ
ସ୍ଥୂଳ କରକୁ ବିସ୍ତାର ,
କରିବେ ଆକ୍ଷେପ ନକରି ଭ୍ରୂକ୍ଷେପ
ହୋଇବ ଗଗନଗୃହୀ ।

[୧୫]

ବଲ୍ମୀକ ଶିଖରେ ତବ ସମ୍ମୁଖରେ
ବନ୍ଧ କେତେ ଶକ୍ର ଧନୁ ,
ନେତ୍ର ଲୋଭନୀୟ ରତ୍ନ କମନୀୟ-
ଶୋଭାରେ ମୋହିବ ତନୁ ।
ନବ ଜଳଧର ତବ କଳେବର
ମୟୂର ପୁଚ୍ଛ ଧାରଣ-
ଗୋପୀଜନ ମନ- ମୋହନ ସମାନ
ହେବ କେଡ଼େ ସୁଶୋଭନ ।

(୧୬)

ଭ୍ରୂମ୍ଭଙ୍ଗ ଅଧୀନ କୃଷକର ଶ୍ରମ
ଜାଣନ୍ତି କୃଷକ ନାରୀ,
ଶ୍ରମ ମାତ୍ର ସାର ହେବ ସିନା ତାର
ନ ବରଷ ଯେବେ ବାରି ।

Digitized by PPRACHIN, SOA

ଭ୍ରୂଲତା ନଶୃଇ   ଚକ୍ଷୁ କୋଣେ ଗୃହିଁ
ଜାଣନ୍ତି ନାହିଁ ସରଳା ,
ତବ ରୂପ ନେନେ   ବିଲୋକିବା ମାନେ
ହରଷେ ହେବେ ବିହ୍ୱଳା ।
ନୂତନ କର୍ଷିତ   ଭୂମିରୁ ନିଃସୃତ
ସୁରଭି ମନ ମୋହିବ,
ପ୍ରଚ୍ଛୀଟୀ ଦିଗରେ   ମାଳ ଭୂମିଶିରେ
ବରଷି ଉତ୍ତରେ ଯିବ ।

[୧୭]

ମାଳ ମାଳ ନଭେ   ଗମନରୁ ଯେବେ
ଅଶକତ ହେବ ଘନ ,
ନମ୍ର "ଆମ୍ରକୂଟ"   ଶିର ପାତି ଭେଟ
ହେବ ହରିବାକୁ ଶ୍ରମ ।
ସେତ ମହାମନା   ଅଟନ୍ତି ତା ସୁରଣା
ହୃଦବନ ଦାବାନଳ ,
ଦଗ୍ଧ ଥିବା ବେଳେ   ନିଭାଇଛ ହେଲେ
ବରଷି ଶୀତଳ ଜଳ ।

ପଥରେ ଦଙ୍‌ନାଗ ଦେଖାଇ ବଗାଗ
ସ୍ଥୂଳ କରକୁ ବିସ୍ତାର ,
କରିବେ ଆକ୍ଷେପ ନକର ଭ୍ରୂକ୍ଷେପ
ହୋଇବ ଗଗନଗୃହୀ ।

[୧୫]

ବଲ୍ମୀକ ଶିଖରେ ତବ ସମ୍ମୁଖରେ
ବନ୍ଧ କେତେ ଶକ୍ର ଧନୁ ,
ନେବ ଲୋଭମାନ୍ୟ ରତ୍ନ କମନୀୟ-
ଶୋଭାରେ ମୋହିବ ତନୁ ।
ନବ ଜଳଧର ତବ କଳେବର
ମୟୂର ପୁଚ୍ଛ ଧାରଣ-
ଗୋପୀଜନ ମନ- ମୋହନ ସମାନ
ହେବ କେଡ଼େ ସୁଶୋଭନ ।

(୧୬)

ଭ୍ରୂଭଙ୍ଗୀର ଅଧୀନ କୃଷକର ଶ୍ରମ
ଜାଣନ୍ତି କୃଷକ ନାରୀ,
ଶ୍ରମ ମାତ୍ର ସାର ହେବ ପିନା ତାର
ନ ବରଷ ଯେବେ ବାରି ।

Digitized by PPRACHIN, SOA

ଭ୍ରୂଲତା ନଚାଇ ଚକ୍ଷୁ କୋଣେ ଚାହିଁ
ଜାଣନ୍ତି ନାହିଁ ସରଳା,
ତବ ରୂପ ନେନେ ବିଲୋକିବା ମାତ୍ରେ
ହରଷେ ହେବେ ବିହ୍ୱଳା ।
ନୂତନ କର୍ଷିତ ଭୂମିରୁ ନିଃସୃତ
ସୁରଭି ମନ ମୋହିବ,
ପ୍ରକ୍ଷିପ୍ତ ବେଗରେ ମାଳ ଭୂମିଶିରେ
ବରଷି ଉତ୍ତରେ ଯିବ ।

[୧୭]

ମାଳ ମାଳ ନଭେ ଗମନରୁ ଯେବେ
ଅଶକତ ହେବ ଘନ,
ନମ୍ର "ଆମ୍ରକୂଟ" ଶିର ପାତି ଭେଟି
ହେବ ହରିବାକୁ ଶ୍ରମ ।
ସେତ ମହାମନା ଅଛି ତା ସ୍ମରଣା
ବୃନ୍ଦବନ ଦାବାନଳ,
ଦହୁଥିବା ବେଳେ ଲିଭାଇଛ ହେଲେ
ବରଷି ଶୀତଳ ଜଳ ।

Digitized by PPRACHIN, SOA

ଯେତେ ସାଧାରଣ ହେଉ ବା ଜୀବନ
ଉପକାରୀ ଅଭ୍ୟର୍ଥନା
କରିଥାଏ ଜନ କି କହିବା ଆନ
କି ନକରେ ମହାମନା ?

[୧୮]

ପକ୍ୱ ଫଳ ଭର ହୋଇ ସହକାର
ସେ ଗିରିକି ଘେରି ଥିବ,
ସ୍ନିଗ୍ଧ ବେଣୀ ସମ ଚୂଳେ ତାର ଶ୍ୟାମ-
ଘନ ଯାଇ ବିରାଜିବ ।
ଚାରିକୂର ଉପାନ୍ତ ପୀତ ମଧ୍ୟ ଗତ
ଧରଣୀର ପୟୋଧର-
ନିଭ ଆମ୍ରକୂଟ ସେ କାଳେ ପ୍ରକଟ
ହୋଇ ଦିଶିବ ସୁନ୍ଦର ।
ବକ୍ଷୋଜର ଭ୍ରମେ ସେ ଶୋଭାକୁ ବ୍ୟୋମେ
ଅମର ଅମରୀ ଗଣ
ପୁଲକିତ ନେତ୍ରେ ଧରଣୀର ଗାତ୍ରେ
କରିବେ ଅବଲୋକନ ।

Digitized by PPRACHIN, SOA

[୧୯]

ସେ ଗିରି ବାସିମା- ଲୀଳା ବିଳାସିମା-
କାନନ-ଗୃହ-ନାଗରୀ
କ୍ରୀଡ଼ା କୁଞ୍ଜେ ଯହିଁ ବିଳସନ୍ତି- ତହିଁ
ନେବ ତବ ଶ୍ରମ ହରି ।
ଶ୍ରମୋପନୋଦନ କରି ନବଘନ
ବରଷି ବିମଳ ଜଳ,
ରେବା ନଦୀ ପାଶେ ଯିବାକୁ ହରଷେ
ଚଞ୍ଚଳ ଗତିରେ ଚଳ ।
ବିନ୍ଧ୍ୟ ପାଦ ସେବା କରି ବହେ ରେବା
ଉପଲ ଶଯ୍ୟାରେ ଝରି,
ବହୁତ ରେଖାରେ ବାରଣ କାୟରେ
ରଞ୍ଜିତ ବିଭୂତି ପରି ।

[୨୦]

ବାରି ଦାନେ ସାର- ଶୂନ୍ୟ ଜଳଧର
କ୍ଷୀଣ ହୋଇ ଯାଇଥିବ,
ଦୁର୍ବଳତା ପରେ ମରୁତ ଗୃହରେ
ପଥଭ୍ରଷ୍ଟ ହୋଇଯିବ ।

Digitized by PPRACHIN, SOA

ଦ୍ରୁତଦ୍ରୁତ ଧାରେ   ଜମ୍ବୁ ନିକୁଞ୍ଜରେ
ରେବା ଧୀରେ ପ୍ରବାହିତା
ମତ୍ତ କରିକୁମ୍ଭ-   ମଦବାରି ସ୍ରାବ
କରି ଅଛି ସୁବାସିତା ।
ତୁଟିର ଏ ନୀର   ପାନରେ ଶରୀର
ପିବ ପରି ପୁଷ୍ଟ କରି,
ସବଳେ ସମ୍ମାନ   କ୍ଷୀଣେ ଅପମାନ
ପ୍ରବଚନ ଅନୁସରି ।

[୨୧]

ଉତ୍କଣ୍ଠୋନ୍ମୁଖ ହଜ   ହରିତ ସବୁଜ
କଦମ୍ବ ଅବଲୋକନେ,
ଉନ୍ମଦ ମାତଙ୍ଗ   ଗୃତକ କୁରଙ୍ଗ
ଭୃଙ୍ଗ ପ୍ରଫୁଲ୍ଲିତ ମନନ
ଦଗ୍ଧବନ ଜାତ   ଗନ୍ଧ ସୁରଭିତ
ଯାଆନ୍ତୁ ଆଘ୍ରାଣ କରି
ନୂତନ ମୁକୁଳ   ଅନୁପର ଫଳ
କନ୍ଦଳୀରେ କ୍ଷୁଧା ହରି ।

Digitized by PPRACHIN, SOA

ମନ୍ଦ୍ର ବନ୍ଧୁ ସାର ସିଞ୍ଚଣ ସଞ୍ଚାର
କରିବା କାଳରେ ବନେ,
ସୁଗନ୍ଧ ଅପ୍ସୁନ ଆହେ ନବଘନ
କରେଙ୍ଗେ ସାରଙ୍ଗ ଗଣେ ।

[୨୨]

ମୋ'ହିତେ ସୁନ୍ଦର ! ତେହ୍ନାଇ ତତପର
ବାହାରିବ ଯିନା ପଥେ,
ଗମନର କାଳେ ମନରେ ମୁଁ ଭାଳେ
ଅଟକ ଯିବବା ସତେ !
ଅତି ମନୋରମ କୁଟଜ କୁସୁମ-
ବାସିତ ଗିରି ଶିଖରେ,
ନରତନ ରତ ମୟୂର ସ୍ୱାଗତ
ଜଣାଇବ କ ସୁଖରେ ।
ଝରି ପଡୁଥିବ ଆନନ୍ଦର ସ୍ରାବ
ନୟନୁ ଧାର ଆକାରେ ,
ଚେନ ପୁଞ୍ଜ ଟେକ ସ୍ୱାଗତିକା ଲେଖି
ଡାକିବ ମୃଦୁ କେକାରେ ।

Digitized by PPRACHIN, SOA

ନୋହିବ ମୋହିତ   କରିବ ମୋ ହିତ
ଯେପରି ହେଉ ଚଞ୍ଚଳ,
ହୋଇ ଅଗ୍ରସର   ଆହେ ଜଳଧର
ଠେକିବ ସେହି ଅଞ୍ଚଳ ।

[୨୩]

ହୋଇଲେ ପାଶର   ଦଶାର୍ଣ୍ଣ ଦେଶର
ଉପବନ ମନୋଲୋଭା,
କରି ଦରଶନ   ପାଣ୍ଡୁର ବରନ
ବୃତିରେ କେତକୀ ଶୋଭା;
ଦେଖିବ ଶ୍ୟାମଳ   ପକ୍ୱ ଜମ୍ବୁ ଫଳ
ବନାନ୍ତେ ସୁଷମା ସାର,
କାକ ପିକ ବଗ   ବୃକ୍ଷେ ରଚି ନୀଡ଼
ଗ୍ରାମ୍ୟ ପଥ କଦାକାର ।
ମାନସ ଲାଳସ   ମରାଳ ଅଳସ
ହୋଇ ବରଷାକୁ ଦେଖି,
ଦଶାର୍ଣ୍ଣ ଦେଶରେ   ଥିବେ ପ୍ରବାସକର
ଯିବହିଁ ନେନେ ନିରେଖି ।

Digitized by PPRACHIN, SOA

[୨୪]

କାମିଜନଲୀଳା- ବିଳାସ କୁଶଳା
ବିଦିଶା ନଗରୀ ରାଣୀ,
ବିଳାସେ ପ୍ରମତ୍ତ କରିବ ବିଖ୍ୟାତ
ଦଶାର୍ଣ୍ଣର ରାଜଧାନୀ ।
କଳ କଳ ତାନେ ସୁମଧୁର ଗାନେ
ବହେ ତହିଁ ବେତ୍ରବତୀ
ଭ୍ରୂକୁଟିର ଛଳେ ତରଙ୍ଗର ତାଳେ
ନୃତ୍ୟ ରଙ୍ଗେ କରି ଗତି ।
ପ୍ରବେଶି ତା ତୀରେ ମୃଦୁ ସ୍ତନିତରେ
କରି ପ୍ରେମ ଜପୁ ଗାନ,
ବେତ୍ରବତୀ ବର- ଆନନ୍ଦ ଅଧର-
ଅମୃତ କରିବ ପାନ ।

[୨୫]

ବିଦିଶା ନଗରୀ ଉପକଣ୍ଠ ଗିରି
'ନୀଚଗିରି' ବିରାଜିତ,
ତବ ପରଶରେ କଦମ୍ବ କେଶରେ
ହୋଇଯିବ ରୋମାଞ୍ଚିତ ।

Digitized by PPRACHIN, SOA

ଅତି ଆନନ୍ଦରେ   ସେ ଗିରି କନ୍ଦରେ
ବାରଙ୍ଗନା ସହବାସ,
କରୁଥାନ୍ତି ଯହିଁ   ନାଗରିକେ ଯାଇ
ଚହଟେ ବିଳାସ-ବାସ ।
ବିବିଧ ବିଳାସ   ଲୀଳାରେ ସରସ
ଅଟଇ ସେ ଗିରିବର,
କରିଲେ ବିଶ୍ରାମ   ଦେବ ଯେ ଆରାମ
ଯାଇ ତହିଁ ଶ୍ରମ ହର ।

[୨୭]

କାନନ ତଟିନୀ-   ତଟ ସୋହାଗିନୀ-
ଯୂଥିକା ସୁଧା ହାସିନୀ-
କ୍ଷିତିରେ ସୁଧାସାର   ସିଞ୍ଚନ୍ତି ସଞ୍ଚାର -
କାଳେ ଦେଖିବୁ ଭାମିନୀ ।
ସେ ବନେ ସୁମନେ   ସୁମନ ଚୟନେ
ସ୍ୱେଦବିନ୍ଦୁଗଣ୍ଡ ସ୍ଥଳ-
ଶ୍ରାନ୍ତିକ୍ଲାନ୍ତ ନବୀନା   କଳଙ୍କିତ ମ୍ଳୀନା
ଅଳଙ୍କାର କର୍ଣ୍ଣୋତ୍ପଳ ।

Digitized by PPRACHIN, SOA

କରି ଛାୟା ଦାନ   ଲଭି ପ୍ରେମ ପୂର୍ଣ୍ଣ
କଟାକ୍ଷ ରମଣୀ ଗଣୁ
ହୋଇ ଆନନ୍ଦିତ   ଚଳିବ ଶାନ୍ତ
ଶ୍ରମ ନାଶି ସେହି ବନୁ ।

[୨୭]

ନହେବ ବଞ୍ଚିତ   ବକ୍ର ବୋଲି ପଥ
ଗମନ କାଳେ ଉତ୍ତରେ,
ଉଚ୍ଚ ଉଜ୍ଜୟିନୀ   ସଉଧକୁ ଚାହିଁ
ଦେବ ପରିଚୟ ଥରେ ।
ଦେଖିଲେ ଚଞ୍ଚଳା   ଭୟେ ଚହିଁ ତୋଳା
ଚାଳି ଭ୍ରୂଲ୍ଲ ଚଞ୍ଚଳାକ୍ଷୀ-
ଅନାଇବା ରୀତି,   ଜନମାଏ ପ୍ରୀତି
ଥରେ ମାତ୍ର ପିବ ଚଖି ।

[୨୮]

ଉଜ୍ଜୟିନୀ ପଥେ   ଦେଖିବ ଉପରେ
ନିର୍ବିନ୍ଧ୍ୟା- ସ୍ରୋତ ଶାଳିନୀ,
ନାଭି ଜଳାବର୍ତ୍ତ   କରେ ପ୍ରକାଶିତ
ହୋଇ ଅତି ଉନ୍ମାଦିନୀ ।

Digitized by PPRACHIN, SOA

ବିହଗ ବଳୟ ମରାଳ ନିଚୟ
ଯେ ରମ୍ୟ ତଟିନୀ କଟି-
କିଙ୍କିଣୀ ନିକ୍ୱଣ କରନ୍ତି ସୃଜନ
ତରଙ୍ଗ ବିକ୍ଷୋଭେ ରଟି ।
ପ୍ରେମିକା ସ୍ୱଭାବ କରି ହାବ ଭାବ
ହରଇ ନାଗର ଚିତ୍ତ ,
ପାନରେ ସରସ ତା ପ୍ରେମ ପୀୟୂଷ
ହେବ ବଳାହକ ପ୍ରୀତ !

[୨୯]

ଭାଗ୍ୟବାନ ଘନ ତବ ପ୍ରେମ ଗାନ
କରି ନିର୍ବିନ୍ଧ୍ୟା ସୁନ୍ଦରୀ,
ଟକ୍ୱ-ଖର ତରୁ- ଟତର ପାଦରୁ
ପାଣ୍ଡୁର ବିରହ ଝୁର ।
କ୍ଷୀଣ ସ୍ରୋତ-ବେଣୀ ଖେଳାଇ ତଟିନୀ
ଝୁରି ଝୁରି ଯାଏ ଝରି
ହୋଇଛନ୍ତି ବିରସ ସଙ୍ଗମେ ସରସ
କରିବ ବିରହ ହରି ।

Digitized by PPRACHIN, SOA

[୩୦]

ଅଛେ ନବୋଢନ   ରାଜା ଉଦୟନ
ବାସବ ଦତ୍ତାଙ୍କ କଥା,
ଗ୍ରାମ୍ୟ ବୟୋଧିକ   ବିଜ୍ଞ ଯେତେ ଲୋକ
ବଖାଣିବା ଯହିଁ ପ୍ରଥା !
କରିବ ପ୍ରବେଶ   ସେ ଅବନ୍ତୀ ଦେଶ
ମୋକଥା ମନରେ ଥିବ,
କମନୀୟ ଶାଳା-   ପୂରିତ ବିଶାଳା
ଉଜ୍ଜୟିନୀ ପୁରେ ଯିବ ।
ଦେବ ଲୋକ ଜନ   ପୁଣ୍ୟକ୍ଷୟେ ଜନ୍ମ
ମରତେ ଲଭିଲେ ପରେ
ମରଗରୁ କାଟି   ଟିକିକ ଗଢ଼ନ୍ତି
ବିଶାଳ ରମ୍ୟ ନଗରୀ !

[୩୧]

ଶିପ୍ରା ତୀର ଧୀର   ଶୀକର ସମୀର
ମନ୍ଦ ପଦ୍ମ ଗନ୍ଧ ବନ୍ଧୁ,
ଉନ୍ମାଦ ସାରସ   କୂଜନେ ସରସ
କରେ ପ୍ରତ୍ୟୂଷରେ ଯହିଁ ।

Digitized by PPRACHIN, SOA

ଯେ ବିଶାଳା ପୁରୀ ନବୀନ କଶୋଳୀ
ନିଧୁବନ ଶ୍ରମ ହରି,
ପରଶେ କୋମଳ ତନୁକୁ ଅନିଳ
କାମି ଚାଟୁକାର ପରି ।

[୩୨ ; ୩୩]

ଜାଲରନ୍ଧ୍ରୁ ମୁକ୍ତ ଗୃହ- ହର୍ମ୍ୟ ଗବାକ୍ଷରୁ
କବରୀ ମାର୍ଜ୍ଜନ ଧୂପ,
ଧୂର ଗନ୍ଧ ଭାରେ ତବ କଳେବରେ
ଦେବ ଅଭିନବ ରୂପ ।
ଉପହାର ଛଳେ ରତି ନୃତ୍ୟ ଭୋଳେ
ଆଳସ୍ୟ ଲଳିତ କେକୀ,
ଦେଖିବ ଅଧୀରେ ବନ୍ଧୁପ୍ରୀତା ସ୍ୱଧୃତେ
ଛବିଳ ପୁଚ୍ଛକୁ ଟେକି ।
ପୁଷ୍ପ-ସୁରଭିତ- ଲଳନା-ଲଳିତ-
ପାଦ-ଅଳକ୍ତ-ରାଗ-
ରଞ୍ଜିତ ସଉଧେ ଶ୍ରମହର ମୋଦେ
ମାନସୁଁ ଦେଖି ବିରାଗ ।

Digitized by PPRACHIN, SOA

ମହାକାଳେଶ୍ୱର ପବନ ମନ୍ଦିର
ନାଶେତହିଁ ପାପରାଶି,
ନଧର ଅଷ୍ଟ ଚର ରୁଚର ପ୍ରାଚୀର
ପ୍ରବେଶିବ ଯେବେ ଆସି ;
ନୀଳକଣ୍ଠ ଗଳା ପରି ନୀଳ ବଳା-
ହକ ତବ ଶ୍ୟାମ ଛବି,
ବଲେକ ଭ୍ରୂକୁଟି, ନନ୍ଦୀ ଆଦ କୋଟି
ଶିବ ଗଣ ଯିବେ ଦ୍ରବ ।
ହନ୍ନି କଟେ ଝରେ ପନ୍ଦୁ ଗବାଗରେ
ଗନ୍ଧ ଭରା ଗନ୍ଧବତୀ,
ଜଳକେଳି ରତା ନବୀନ ବନିତା-
ସ୍ନାନେ ସୁରଭିତା ଅତି ।
ବହି ଯାଏ ଧୀର ତା ମୃଦୁ ସମୀର
ମନ୍ଦର କାନନ କୁଞ୍ଜ,
ଦେଖିବ ବାଶନ୍ଦ ହରିବ ବିଷାଦ
ଗୃରୁ ନେହାଞ୍ଚଳ ଢ଼ାଳି ।

Digitized by PPRACHIN, SOA

[୩୪]

ନହେଉ ସାୟାହ୍ନ ପ୍ରବେଶିବ ଘନ
ମହାକାଳ କ୍ଷେତ୍ରେ ଯେବେ
ସାନ୍ଧ୍ୟ ଆରତିକ ବହ୍ନଣ ପ୍ରୀତିକ
ଦେଖିବା ଉଚିତ ତେବେ ।
ବନ୍ଧୁ ତ୍ରିଲୋଚନ ସାନ୍ଧ୍ୟ ଅରଚନ
ମାଙ୍ଗଳିକ ବାଦ୍ୟ ଛଳେ,
ରଚି ମନ୍ଦ୍ର ନାଦ କରିବ ଆସ୍ୱାଦ
ପରଶଂସା କୁତୂହଳେ ।

[୩୫]

ଶିବ ସେବାରତା ଯେ ବାରବନିତା
କଟିର କିଙ୍କିଣୀ ଗୁଞ୍ଜି,
କରିବାରୁ ନୃତ୍ୟ ହେମ ବଳୟିତ
କ୍ଷୁଦ୍ର ଚାମରକୁ ଢାଳି ।
ହୋଇ ଥିବ କ୍ଲାନ୍ତ ପଦ୍ମରାଗ ମୂର୍ତ୍ତି
ପଲ୍ଲବ ଲଳିତ କର,
ପରି ରମ୍ୟ ସାନ୍ଦ୍ର ନଖ କ୍ଷତେ ଯାର
ଉର ଦେଶ ମନୋହର ।

Digitized by PPRACHIN, SOA

ଷଟେ ଶୀତ ବନ୍ଧୁ   ପାଟେତ ପୂର୍ଣ୍ଣଇନ୍ଦୁ-
ମୁଖୀ ବାରାଙ୍ଗନା ଗଣ-
ନଖ ଅଙ୍କ ଶ୍ରେଣୀ-   ଶ୍ଳଷଣ ଗୃହାଗ୍ରି
ଆଳିଙ୍ଗିବ ନବଘନ !

[୩୭]

ଭୁଜଙ୍ଗ ଭୂଷଣ-   ଉଚ୍ଚ ଭୁଜବନ
ମଧ୍ୟରେ ଦିବ୍ୟ ପ୍ରଭାରେ,
ମାୟୂଂତନ ଘନ   ମନ୍ଦାର ବରନ
ଧରିବ ମଣ୍ଡଳାକାରେ ।
ସନ୍ଧ୍ୟାର୍ଚ୍ଚନା ପରେ   ଶିବ ତାଣ୍ଡବରେ
ତହିଁ ଅତି ଶୋଭିବନ,
ରକ୍ତ ସିକ୍ତ ଗଜ-   ଅଜିନର ବ୍ୟାଜ
ସୃଜନ କରିବ ଘନ ।
ଆଶୁତୋଷ-ତୋଷ-   ବିଧାନେ ସରସ
ଭକତି ଲଳିତ ଖ୍ୟାତି,
ନିଶ୍ଚଳେ ଗଉରୀ   ବିଲୋକନ କରି
ଲଭିବେ ମାନସେ ପ୍ରୀତି ।

Digitized by PPRACHIN, SOA

[୩୭]

ବିଶାଳା ନଗରୀ- ରୂପସୀ ନାଗରୀ
ଘନ ଘୋର ଅନ୍ଧକାରେ,
ରାଜ ପଥେ ଗତ ରଚି କରି ଗତି
ରସିଥାନ୍ତି ଅଭିସାରେ ।
କରିବାକୁ ହିତ ଦେଖାଇବ ପଥ
କୋଳେ ଧରି ଶତହ୍ରଦା ,
ନିକଷେ କନକ ବିକଶିତ ଝଁକ
ଧ୍ୱମଅତି ପ୍ରୀତିପ୍ରଦା ।
କାମ କୁତୂହଳା ନବନୀତ ତୁଳା-
ସୁକୁମାରୀ ହେବେ ଛନ୍ନ,
ତେଣୁ ନବଘନ ନ ମୁଞ୍ଚିବ ବନ
ବରଜିବ ଗର୍ଜନ୍ ।

[୩୮]

କନକ ବର୍ଣ୍ଣ ତବ ପ୍ରଣୟିନୀ
ଚପଳା ଚପଳ କାନ୍ତି,
ପ୍ରଣୟ ପ୍ରବାହେ ଚିର ଅବଗାହେ
ଲଭି ଥିବ ସିନା କ୍ଲାନ୍ତି ।

Digitized by PPRACHIN, SOA

ନାଶିବାକୁ ଶ୍ରମ   କରିବ ବିଶ୍ରାମ
ଉଷତେ ନିଶୀଥେ ତହିଁ,
ଶୟନ ନିରତ   ହୋଇ ପାରାବତ
ଥିବେ ବଳଭୀରେ ଯହିଁ ।
ଯେବେ ପ୍ରକାଶିତ   ହେବେ ଦିବାନାଥ
ଅବଶେଷ ପଥ ହେଳି,
ବନ୍ଧୁତା ବନ୍ଧନ   ସ୍ମରି ନବଘନ
ଯିବ ଆଳସ୍ୟକୁ ତେଜି ।

[୩୯]

ଖଣ୍ଡିତା କାମିନୀ   ହରଇ ଯାମିନୀ
ନିଶୀଥେ ଜାଗର ଜାଳି,
କାନ୍ତ ଆଗମନ   ପ୍ରତୀକ୍ଷାରେ ବନି
ନିରତେ ନୟନୁ ଢାଳି ।
ଅରୁଣ ଉଦୟେ   ତରୁଣ ସଦୟେ
ତାସେ ଫେରି ଆସେ ପାଶେ,
କରେ ପୋଛି ଲୁହ   କରେ ଦୂର କୋହ
ସୁଧୀରେ ମଧୁର ଭାଷେ ।

Digitized by PPRACHIN, SOA

ଏକାଳେ ସୁନ୍ଦର ! ଦେବ-ଦିବାକର
ନୟନୁଁ ନୀହାର ନୀର ,
କରିଥାନ୍ତି ଦୂର କରୁଣ ଆଦର
ପଦ୍ମମୁଖୀ ନଳିନୀର !
ଏଣୁ ପ୍ରତିରୋଧ ନକର ବାରିଦ !
ପ୍ରସାରିବା କାଳେ କର,
ବଢ଼ିବେ ସେ ରୋଷ ହୋଇଲେ ପ୍ରତ୍ୟୂଷ
ସେଠାରୁ ଗମନ କର ।

[୪୦]

ବହୁ ଯାଏ ଧୀର ତଟିନୀ ଗମ୍ଭୀର
ଚିତ୍ତ ସମ ସ୍ୱଚ୍ଛ ଜଳେ ;
ସ୍ୱଭାବ ସୁନ୍ଦର ନବ ଜଳଧର
ତହିଁ ପ୍ରତିବିମ୍ବ ଛଳେ ;
ନରତନ ରତ- କଇରବ ଶ୍ୱେତ-
ଶଫରୀ- ଅପାଙ୍ଗଗତି,
ସାହସେ ବାରିଦ କରିବ ଆସ୍ୱାଦ
ଅଲଂଘ୍ୟ ମଧୁର ପ୍ରୀତି ।

Digitized by PPRACHIN, SOA

ପ୍ରଣୟ ପିପାସା ବନ୍ଧୁ ରସାଳସା
କରେ ଯେବେ ଆଲିଙ୍ଗନ,
ନୁହଇ ଉଚିତ କରିବା ବଞ୍ଚିତ
କାଞ୍ଚିତେ କରି ଲଂଘନ ।

[୪୧]

ନୀର ନିତମ୍ବରୁ ଖସି ଯିବା ଗୁରୁ
ନୀଳ ଜଳ-ଚେଳ ଚୋଳି,
ସୁରୁଚିର କର ନିଚୋଳ ନିକର
କୃଷ୍ଣ ଧରେ ସ୍ନେହ ବୋଳି
କରିବ ହରଣ ନୀଳ ପରିହରଣ
ଆଲମ୍ବିଣ ଆକାଶରୁ
ରସି ପ୍ରେମ-ରସେ ପିଇବ ହରଷେ
ରସ ପ୍ରେମ ପ୍ରବାହରୁ ।
ଗୁଡ଼ବାକୁ ମିତ ନବଳବ ଚିତ୍ତ
ବିରସ ମାନସେ ଯିବ
ବାସ ଉଲଗନା ସରସ ଜଘନା
ପରଶ କୁ କେ ତେଜିବ ?

Digitized by PPRACHIN, SOA

[୪୨]

ଆସାର ପତିତ ରସାରୁ ନିଃସୃତ
ଉଚ୍ଛ୍ୱାସରେ ସୁରଭିତ,
ମାତଙ୍ଗର ଶୁଙ୍ଗ ନାଶିକା- ସରଙ୍ଗ-
ସଙ୍ଗୀତରେ ମୁଖରିତ ;
ବନଜ ସମ୍ଭାର ପକ୍ୱ ଉଦ୍ଦୁମ୍ବର
ମଧୁକ ଅମୃତରେ ଢାଳି,
ସଙ୍ଗେ ଗନ୍ଧବହ ଥିବ ବାରିବାହ
ପିବ ଦେବଗିରି ଗୃଳି ।

[୪୩]

ତାରକା ବିନାଶ ଇନ୍ଦ୍ର ସେନାଧୀଶ
କରିବା ପାଇଁ କି ଭବ,
ଦିବାକର- କର- ଜାଲରୁ ପ୍ରଖର
ଯେ ତେଜ କଲେ ଉଦ୍ଭବ ;
ଦେବ ହୁତାଶନେ ଦେଲେ ତା ଯତନେ
ରଖିବେ ଭାଳି ସୁମନେ ,
ସେ ତେଜର ଧାମ ଦେଲୁ ମହା ପ୍ରାସ୍ତ
ନିକ୍ଷେପିଲେ ଶରବଣେ ।

Digitized by PPRACHIN, SOA

ତେଜରୁ ଜନନ   ଲଭି ଷଡ଼ାନନ
ସ୍କନ୍ଦ ନାମେ ପରିଚିତ ,
ନିତ୍ୟ ବାସ କରି   ମଣ୍ଡି ଦେବଗିରି
ହେଉଛନ୍ତି ଅରଚିତ ।
କାମରୂପି ଘନ !   ରଚି ପୁଷ୍ପଘନ
ସେଗିରି ଶିଖରେ ରହି ,
ସ୍ୱର୍ଗଙ୍ଗା ଧଉତ   କରି ପୁଷ୍ପବ୍ରାତ
ଅଭିଷେକ କର ତହିଁ ।

[୪୪]

ଝଳ ଝଳ ମଲ୍   ବଳୟୂର ତୁଳ
ପ୍ରକ୍ଷିପ୍ତ ଚନ୍ଦ୍ରିକା ନେଇ ,
ପୁତ୍ର ସ୍ନେହେ ଉମା   କର୍ଣ୍ଣେ କଲେ ଜମା
ନୀଳୋତ୍ପଳ ପର୍ଣ୍ଣି ଦେଇ ।
ସୁଧାଂଶୁ ଶେଖର-   ଶିର- ସୁଧାକର—
କରେ ଯା ଅପାଙ୍ଗ ଗୀତ,
ହୋଇ ପ୍ରକାଶିତ   କରେ ବିମୋହିତ
ଜନମାଇ ମନେ ପ୍ରୀତି,

Digitized by PPRACHIN, SOA

ମନ୍ଦ୍ର ନିନାଦରେ ନଗୃଅ ଆଦରେ
ସେ ମୟୂରରେ ଥରେ ରସି ,
କରି ଅରଚନ ଦେବ ଷଡ଼ାନନ
ସେଗିରି ଦଣ୍ଡରେ ପଶି ।

[୪୫]

ଶର ଜନ୍ମାର୍ଜନ ସାରି ନବଘନ
ଗତି ଆରମ୍ଭିବ ଯେବେ ,
ପଥେ ବୀଣାବର- ଧାରୀ ବିଦ୍ୟାଧର
ଯୁଗଳେ ଦେଖିବ ତେବେ ।
କରିବ ଗମନ ତେଜିବେ ଆପୁନ
ବିଦ୍ୟାଧର ବିଦ୍ୟାଧରୀ,
ବାରି ପାତେ କ୍ଷୀଣ ବିଣାର ନିକ୍ୱଣ
ଆଶଙ୍କାରେ ଅପସରି ।
ଦଶପୁର ପତି ମହାରାଜ ରନ୍ତି-
ଗବାଲମ୍ଭ ସୁକୀରତି ,
ଚହ୍ନାଇ ସ୍ରୋତସ୍ୱଣୀ ବହେ ଚର୍ମଣ୍ୱଣୀ
ସମ୍ମାନେ କର ତୃପତି

Digitized by PPRACHIN, SOA

(୪୬)

କାଳୀୟ ଦଳନ ନୀଳ ଅପଘନ-
ବରଣ କର ଧାରଣ
ଆଲମ୍ବି ଅମ୍ବରୁ ଅମ୍ବୁ ସେ ନଦୀରୁ
କଲାବେଳେ ଆହରଣ ।
ଦୂର ଅନ୍ତରୀକ୍ଷେ ଧରଣୀର ବକ୍ଷେ
ଗନ୍ଧର୍ବ ବିଲୋକ ପ୍ରଭା,
ମଣିବେ ହେଳାରେ ମୌକ୍ତିକ ମାଳାରେ
ଇନ୍ଦ୍ର ନୀଳମଣି ଅବା !

[୪୭]

ନାରୀ ବିଲୋକନ ଭଙ୍ଗିମାରୁ ଶୂନ୍ୟ-
ପଥେ ଗଲାବେଳେ ଘନ !
ଦଶପୁର ବର- ବଧୂମାନଙ୍କର
ଗୃହୁଁ ଭ୍ରୂରୁ ନରତନ ।
କୁନ୍ଦ ସୁନ-ଗନ୍ଧ- ଅନ୍ଧ ଷଟପଦ-
ବନ୍ଦନ ନନ୍ଦନ କରି,
ଉର୍ଦ୍ଧ୍ୱ ନେବାଅଳ ଖେଳେ କି ଚଞ୍ଚଳ
କୃଷ୍ଣ ଶୁକ୍ଳ ପ୍ରଭା ଧରି ।

Digitized by PPRACHIN, SOA

ଅମ୍ବରେ ଆଲମ୍ବ   ତବ ପ୍ରତିବିମ୍ବ
ଚୁମ୍ବିବ ନାଗରୀ ମନ,
ଯୋତି ନୀଳାକାଶ   ଯେ ଶୋଭାରେ ରସ
କରିବ ପ୍ରକାଶ ଘନ ।

[୪୮]

କରିଛୁ ଅଦ୍ଭୁତ   ଯହିଁ ବ୍ରହ୍ମା ବର୍ତ୍ତି
ସରସ୍ୱତୀ ଦୃଷଦ୍‌ବତୀ ,
ଛାୟା ରୂପେ ଘନ   କାୟା ବ୍ରହ୍ମାରଣ୍ୟ
ଜଳପରେ ତହିଁ ଗତ ।
ଯିବ କୁରୁ କ୍ଷେତ୍ରେ   ଯହିଁ ନିଶିତାସ୍ତ୍ରେ
ଫାଲ୍‌ଗୁନ ଦେଖାଇ ସାଧ
ଛିନ୍ନେ ପଦ୍ମବନ   କଲା ପରି ଛିନ୍ନ
ଶତ୍ରୁ କୁଳ କଲେ ନାଶ ।

[୪୯]

ବନ୍ଧୁ ସ୍ନେହ ଭାବେ   ଭାରତ ଆହବେ
ପରାଙ୍ମୁଖ ମହାବଳୀ ,
ରେବତୀ ଈକ୍ଷଣ-   ରୁଚିର ଲକ୍ଷଣ-
ମଦିରାନୁରାଗୀ ହଳୀ ।

Digitized by PPRACHIN, SOA

ପ୍ରବେଶିଲେ ଆସି   ହୋଇ ତୀର୍ଥବାସୀ
ପୂତ ସରସ୍ୱତୀ ତୀର,
ତେଜଣ ମଦିରା   ପାନ କଲେ ପରା
ପବନ ତାହାର ନୀର ।
ହେ ଦେବ ସୁନ୍ଦର !   ସେ-ସ୍ରୋତସ୍ୱତୀର
ତୀର-ନୀର କର ପାନ,
କଳା କଳେବର-   ଅନ୍ତରୁ ଅନ୍ତର
ହୋଇବ କଳୁଷମାନ ।

[୫୦]

ତେଜ କୁରୁକ୍ଷେତ୍ର   ଦେଖିବ ପବନ
ସ୍ଫଟିକ ଶୁଭ୍ର ଜାହ୍ନବୀ ,
ହିମବନ୍ତ କୋଳୁ   କନଖଳ ତଳୁ
ଝଳ ଝଳ ନାଚେ ଛବି ,
ସାଗର- ତାରଣୀ—   ସରଗ-ନିଃଶ୍ରେଣୀ
ବରଚି କରଇ ଗଣ୍ଡି
ଶମ୍ଭୁ ନିନାଦରେ   ସପତ୍ନୀ ବାଦରେ
ପଣ୍ଡ ପ୍ରେମେ ଦେଇ ମଣ୍ଡି ।

Digitized by PPRACHIN, SOA

ଫୁଲ୍ଲାରତ କର- କଲ୍ଲୋଳରେ ତ ର
ଧରି ଚନ୍ଦ୍ରମଣ୍ଡି ଜଟା ,
ଗରିଷ୍ଠ ଗଉରୀ- ଭ୍ରୂକ୍ଷେପଣେ ନଡ଼ିର
ଫେନଲେ କରୁଛ ଥଟ୍ଟା ।

[୫୧]

ସ୍ୱର୍ଗଜ ସମାନ ଅର୍ଦ୍ଧ ଲମ୍ବମାନ
ହୋଇ ଊର୍ଦ୍ଧ୍ୱେଁ ନବଘନ,
ତିର୍ଯ୍ୟକ ଭଙ୍ଗିରେ ସେ ଶୁଭ୍ର ଅଙ୍ଗରେ
କର ଯେବେ ଆଲିଙ୍ଗନ ।
ତବ ପ୍ରତିବିମ୍ବ ତା ଉରେ ସମ୍ଭବ
କରିବକ ମନୋରମ !
ପ୍ରୟାଗରୁ ଆନ ସ୍ଥାନରେ ସୃଜନ
ଗଙ୍ଗା ଯମୁନା ସଙ୍ଗମ ।

[୫୨]

କସ୍ତୂରୀ କୁରଙ୍ଗ- ନାଭି ଅନୁରତ
ବୋଲା କଳା ଶିଳା ଯାର,
ଗଙ୍ଗାର ସେ ତାତ ଯାର ଶୃଙ୍ଗାବୃତ
କରିଛି ଶୁଭ୍ର ତୁଷାର ।

Digitized by PPRACHIN, SOA

କରିବ ଧାରଣ ମାଳ ନବଘନ !
ଚୂଳେ ତା'ର ହରି ଶ୍ରାନ୍ତି,
ଭୋଳାନାଥ-ଧଳା- ବୃଷ-ଶୃଙ୍ଗ-ଖୋଳା-
ମାଳ ପଙ୍କ-ତୁଲା କାନ୍ତି ।

[୪୩]

ସମୁନ୍ନତ ତରୁ ଗୁରୁ ଦେବ ଦାରୁ-
ଛାଣ୍ଡେ ଘଷି ହୋଇ କାଣ୍ଡ,
ବାୟୁ ପ୍ରହାରରେ ହିମବନ୍ତ ଉରେ
ଜାତକରେ ଅଗ୍ନି କାଣ୍ଡ ।
ଚମରୀ-ଗୁମର ଆଦି କେଶ ଭର
ଦନାଶିଣ ହୁତାଶନ,
ହିମବନ୍ତେ କ୍ଲେଶ ଦେବେଟି ବିଶେଷ
ଦେଉ ଥାଏ ନବଘନ !
ସହସ୍ର ଆସାର ବରଷିଣ ତାର
ବେଦନାକୁ ନିବାରିବ,
ମହତ ସମ୍ପଦ ସିନା ହେ ସାରଦ !
ବିପନ୍ନକୁ ଉଦ୍ଧାରିବ ।

Digitized by PPRACHIN, SOA

[୫୪]

ହିମବନ୍ତ ଶିରେ ସରଣୀରୁ ଦୂରେ
ରହି ଗତି କଲବେଳେ,
କ୍ରୋଧୋନ୍ମତ୍ତ କ୍ରୂର ଶରଭ ନିକର
ଆକ୍ରମିବେ ଅବହେଳେ ।
ତେଣୁଁ ତବ ଅଙ୍ଗ କରି ଅବା ଭଙ୍ଗ
କରିବେ ପିନା ଲଂଘନ,
ସେକାଳେ ନିଷ୍ଠୁର କରକା ପ୍ରହାର
ଉଚିତ ହୋଇବ ଘନ !
ହୋଇ ଅସ୍ତ ବ୍ୟସ୍ତ ତେଜିବେ ସେ ପଥ
ମୁଖେ ଯିବ କରି ଗତି,
ନିଷ୍ଫଳ କରମେ ପ୍ରବୃତ୍ତ ଯା ରମେ
ନ ପୂତ ତାର ଦୁର୍ଗତି ।

[୫୫]

ଅଚଳେଶ-ତଳେ ସେ କେଉଁ ଉପଳେ
ଅର୍ଦ୍ଧେନ୍ଦୁ-ଶେଖର ପଦ,
ସଜେ ସୁରୁଚିର ସିଦ୍ଧ ଜନେ ତର
ସେବାରେ ତହିଁ ଆବଦ୍ଧ ।

Digitized by PPRACHIN, SOA

ସେହି ପଦଚିହ୍ନ କରି ଦରଶନ
ଆଗ୍ରହୀ ଭକତ ଗଣ
ଶରୀର କଳୁଷ କରନ୍ତି ବିନାଶ
ଶିବ ଲୋକେ ରଖି ମନ ।
ଦେହାନ୍ତେ ଶାଶ୍ୱତ ପ୍ରମଥ ସେବିତ
ହର ପୁରେ ପ୍ରବେଶନ୍ତି,
କରି ପ୍ରଦକ୍ଷିଣ ଯିବ ନବଘନ
ଦେଖାଇ ତହିଁ ଭକତି ।

[୫୭]

ଅନିଳେ ରୁଚିର କୀଚକ ନିକର
ରଚନ୍ତି ମୁରଲୀ ତାନ,
ଉନ୍ମତ୍ତେ କିନ୍ନରୀ କରନ୍ତି କାମାରି-
ତ୍ରି ପୁରବିଜୟ- ଗାନ ।
ମନ୍ଦ୍ର ନିନାଦରେ ହିମାଦ୍ରି କନ୍ଦରେ
ଘରଜ ମୁରଜ ନାଦ,
ଲୟ ରଖି ତାଳେ ସଙ୍ଗୀତେ ଏକାଳେ
ଭୈରବ ନବ ଉନ୍ମାଦ ।

Digitized by PPRACHIN, SOA

ତବ ଗରଜନ କୀଚକ ନିଃସ୍ୱନ
କନ୍ନଣ୍ଠ ମଧୁର ଗୀତ ,
ହୋଇ ସମ୍ମିଳିତ ହେବ ସୁଲଳିତ
ପୂର୍ଣ୍ଣାଙ୍ଗ ଶିବ ସଙ୍ଗୀତ ।

[୫୭]

ହିମାଚଳ ତଟେ ଗୁରୁ ଚମପଟେ
କର ନେତ୍ରେ ବିଲୋକନ
ଯିବ ଯହିଁ କ୍ରୌଞ୍ଚ ଦେହଳୀ ସ୍ୱରୂପ
ବିରାଜି ହରଇ ମନ ।
ଅତି ଅତୀତରେ ଭୃଗୁପତି ଥରେ
ହର ପାଶେ,ଦେଇମନ
ଉପନିଷଦରେ ଅପୂର୍ବ ଆଦରେ
କରୁଥିଲେ ଅଧ୍ୟୟନ ।
କରିବାକୁ ଖର୍ବ ଷଡ଼ାନନ ଗର୍ବ
କ୍ରୌଞ୍ଚ ଗିରି ଉପରେ ଶର,
ନିକ୍ଷେପନ୍ତେ ବୀର ମାନସରୋବର
ଯାଏଁ ହୋଇଲା ବିବର ।

Digitized by PPRACHIN, SOA

ବର୍ଷ ବଳେ ବଳସି ମାନସ- ଲଳସି-
ସାରସେ ଯାଆନ୍ତି ସରେ,
ତେଣୁ ସିନା ତାର ନାମ ହଂସ ଦ୍ୱାର
ହୋଇ ଅଛି ଜଗତରେ ।
ପଶି ସେ ଗର୍ତ୍ତରେ ବଳଶି ଉତ୍ତରେ
ଧରିବ ମାନସ- ଲେଖା-
ଶ୍ୟାମ କନମ୍ଷାପୁ- ବାମନ ତ୍ରିପାଦ-
—ପଦ ପଙ୍କଜର ଶୋଭା ।

[୪୮]

କ୍ରୌଞ୍ଚ ଦ୍ୱାର ଘନ କରିବ ଲଂଘନ
ବହମି ଊର୍ଦ୍ଧ୍ୱକୁ ଧୀରେ ,
ବୈଶ୍ର ମନେ ପ୍ରୀତି ହୋଇବ ଅତିଥି
କଇଳାସ ଗିରି ଶିରେ ।
ତ୍ରିଦଶ ସୁନ୍ଦରୀ- ଆଦରଶ ପରି
ଝଲସେ ଯେ କଇଳାସ ,
ହୋଇ ବଶ୍ଳେଷିତ ଶୃଙ୍ଗ ଯା'ଶୋଭିତ
ପାଇ ବଂଶ ଭୁଜ ତ୍ରାସ ।

Digitized by PPRACHIN, SOA

କଇରବ ସମ ଶୁକ୍ଳ ମନୋରମ
ଅଭ୍ରଚୁମ୍ବୀ ତାର ଚୂଳ,
ରଜତ ସଂକାଶ ହର ଅଟ୍ଟହାସ
ପହ୍ନାଇଛନ୍ତି କି ଅବା ଫୁଲ !

[୫୯]

ଦଳିତ ଅଞ୍ଜନ ଝଳକ ରଞ୍ଜନ
ଦଶି ନୀଳ ନବଘନ
କରି କଇଳାସ ଗିରି ଚୂଳେ ବାସ
ହେବ କେଡେ ଶୋଭାବନ ।
ସଦ୍ୟଚ୍ଛେଦ-ସମ- ଦ୍ୱିରଦର ରଦ-
ଶୁଭ୍ର କଇଳାସ ଅଚଳେ,
ବଳରାମ ଶ୍ୟାମ- ଉତ୍ତରୀୟ ସମ
ଦିଶିବ ମାନସେ ଭଲେ ।

[୬୦]

ଜିର ପରିହାର ଉରଗର ସାର
ବଳୟ ନିକର ହର,
ଧରି ଉମା ହାତ ସମାଦରେ ଅତି
କରେ ଛନ୍ଦି ନିଜ କର ;

Digitized by PPRACHIN, SOA

ବିହରିବା କାଳେ   ମଣିମୟ ଚୂଳେ
ଅମ୍ବିକା ଅମ୍ବୁଜ ପାଦେ,
ଜନମିବ ବାଧା   ଆଗହୁଁ ସୁବିଧା
କରିବ ତହିଁ ଆହ୍ଲାଦେ ।
ହ୍ରଦ ଜଳ ରୁଦ୍ଧ   କରି ହେ ବାରିଦ
ବିରଚ ସୋପାନ ଯାଇ
ଆରୋହଣ ଅବ-   ରୋହଣରେ ଲବ
ପ୍ରମାଦ ରହିବ ନାହିଁ ।

[୬୧]

ସୁର ପୁର ବର-   ବନିତା ନିକର
କରୁଁ କ୍ରୀଡ଼ା କଇଳାସେ,
ହୋଇ ସମାକୁଳ   ହୁଅନ୍ତୁ ଆକୁଳ
ଦିବାକର- କର ତ୍ରାସେ ।
ମଞ୍ଜୁଳ ଗୁଞ୍ଜର-   ସ୍ୱନେ ତବ ଉର
ବଦ୍ଧ କରି ହରି ବାରି,
ଯନ୍ତ୍ର ଜଳାଗାର   ପରି ବ୍ୟବହାର
କରିବେ ଅମରନାରୀ ।

Digitized by PPRACHIN, SOA

ଯେ ସୁର ସୁନ୍ଦରୀ- କବରୀଁ ମୁକତା
ଲଭିବାକୁ ଜଳଧର,
ସେକାଳେ ନିଷ୍ଠୁର ଶ୍ରବଣ କଠୋର
ଘୋର ଗରଜନ କର ।

[୬୨]

ହେମ ତାମରସ- ପ୍ରସବୀ ମାନସ-
ନୀର ପାନକର ଘନ !
ତହିଁ ଐରାବତ ମୁଖେ ସୁଖ ଜାତ
କର ଯେନ ସମୀରଣ ।
ଅଳପ ଅଳପ ଅନିଳେ କଳପ-
-ବଟ କିଶଳୟେ ଧରି,
ହରଷେ ଚେଲାଇ ଦେବ ଦୋହଲାଇ
ସୂକ୍ଷ୍ମ ପଟ୍ଟବାସ ପରି ।
କୈଳାସ କୋଳେ ରଚି ଲୀଳା ହେଳେ ।
କର ନାନା ଉପଭୋଗ,
ବିହର ହରଷେ ସେ ଗିରି ଉରସେ
ନତେଜ ଭିଳେ ସୁଯୋଗ ।

Digitized by PPRACHIN, SOA

[୬୩]

ମନ୍ଦାକିନୀ-ବାସ   ଅଙ୍ଗୁଁ କରି ହ୍ରାସ
ଗିରି କଇଲାସ କୋଳେ,
ପ୍ରିୟାପ୍ରିୟ ଉରୁ   ଆବୋରିବା ଗୁରୁ-
ଶୋଭରେ ଅଳକା ଦୋଳେ ।
ପୂର୍ବୁଁ ଦରଶନ   କରିଥିବ ଘନ !
ଯେଣୁ ଅଟ କାମଚାରୀ ,
ନ ଚିହ୍ନିବ ତାକୁ   ନଆସେ ମନକୁ
ସହଜେ ପାରିବ ବାରି ।
ସପତ ତଳର   ପ୍ରସାଦେ ଭାସ୍ୱର
କିନ୍ନରେଶ୍ୱର ନଗରୀ ,
ଧରି ଅଭିନବ   ଶୋଭାର ବିଭବ
ଦିଶଇ ଲଳନା ପରି ।
ତବ ସମାବେଶେ   କୃଷ୍ଣ ଅଭ୍ର କେଶେ
ମୁକ୍ତାଜାଳ ବାନ୍ଧୁ ଧରି ,
ବରଜେ ଅଳକା-   ମସ୍ତକେ ଅଳକା
ଭୂଷଣ ଶୋଭା ଆଦରି ।

Digitized by PPRACHIN, SOA

ଉତ୍ତର ମେଘ

Digitized by PPRACHIN, SOA

[୯]

ଅଳକା ଲଳିତ   ସୁଷମାବଳି ତ-
ଫଳିତ ତନୁରେ ତବ,
ନବ ଜଳଧର   ସମକକ୍ଷ ତାର
ଲଭିବାକୁ ଗଉରବ ।
ତବ କୋଳେ ଯଥା   ରାଜେ ତଡ଼ିଲ୍ଲତା
ତେସନେ ସୁନ୍ଦରୀଗଣ ,
ଅଳକା ପ୍ରାସାଦେ   ବିଗତ ବିଷାଦେ
କରୁଛନ୍ତି ବିଚରଣ ।
ଇନ୍ଦ୍ରଧନୁ ସମ   ଦିଶଇ ସୁଷମ
ଭିତ୍ତିବକ୍ଷେ ଚିତ୍ର ଝଳି,
ମନ୍ଦ୍ରନାଦ ବତ   ମୃଦଙ୍ଗେ ଇଙ୍ଗିତ-
ମଧୁର ସଙ୍ଗୀତାବଳି ।
ତବ ହ୍ରଦଜଳ   ସମ ସମୁଜ୍ଜ୍ୱଳ
ରତନ ଅନ୍ତରେ ଧରି,
ଶୋଭିତା ଅଳକା   ସଉଧ ମାଳିକା
ସମୁନ୍ନତ ହେଲା ପରି ।

Digitized by PPRACHIN, SOA

[୨]

ସଦା ଷଡୃତୁଙ୍କୁ   ବିରାଜିତ ଚିହ୍ନକୁ
ଯହିଁ ଅଛି ସର୍ବଗରେ,
ଶାରଦ ସରସୀ-   ତାମରସେ ରସି
ରସିକା ଧରନ୍ତି କରେ ।
ହେମନ୍ତ ସଂଜାତ   କୁନ୍ଦକଳି ବ୍ରାତ
ତୋଳି ଅଳକାରେ ଖଞ୍ଜି,
ଶୁଭ୍ର ଶିଶିରଜ   ଲୋଧ୍ର ଶୀତରଜ
ଆନନେ ଦିଅନ୍ତି ରଞ୍ଜି ।
ନବ ବାସନ୍ତିକ-   ଶୋଭା କୁରୁବକ
ବରଚେ ବଚନ ଗଭା,
ପ୍ରକାଶେ ଗ୍ରୀଷମ   ଶିରୀଷ କୁସୁମ
କର୍ଣ୍ଣ ଦେଶେ ସ୍ୱର୍ଣ୍ଣପ୍ରଭା ।
ତବ ପ୍ରବେଶରେ   ସୀମନ୍ତ ଦେଶରେ
କଦମ୍ବ କେଶର ଛବି ,
ସେ ନଗରେ ଘନ   କରି ବିଲୋକନ
ଯିବ ଚିନା ସତେଦ୍ରବି !

Digitized by PPRACHIN, SOA

[୩]

ତାରକା ପୁଷ୍ପିତ- ରତନରେ ସ୍ଥିତ
ପ୍ରକାଶିତ ପ୍ରାସାଦରେ,
ରସି ଯକ୍ଷଗଣେ ରମଣୀ ଗହଣେ
ବିହରନ୍ତୁ ଆମୋଦରେ ।
କରି ଆସ୍ୱାଦନ ପୁଷ୍କର ବାଦନ
ତବ ମନ୍ଦ୍ର ନାଦ ପରି,
କାମୋଦ୍ରେକ କଳ୍ପ- ଦ୍ରୁମରୁ ଅନଳ୍ପ
ପିଅନ୍ତୁ ରସ ଆଦରି ।

[୪]

ବୃନ୍ଦାରକ ବନ୍ଦ୍ୟ ସୁନ୍ଦରୀ ଅନିନ୍ଦ୍ୟ
କିନ୍ନର ନନ୍ଦିନୀ ଗଣ ,
ମନ୍ଦାକିନୀ ତୀରେ ମନ୍ଦାର ମୂଳରେ
ହୋଇ ଆନନ୍ଦିତ ମନ ;
ବିଷମ ଗ୍ରୀଷ୍ମ ତାପ ଉପଶମ
କରିବା ମାନସେ ରହି ,
ଶାନ୍ତି ବିନୋଦନ ଶୀତ ସମୀରଣ
କରନ୍ତୁ ସେବନ ତହିଁ ।

Digitized by PPRACHIN, SOA

ସେ ରମଣୀ ମଣି   ଲୁଗୁଇଣ ମଣି
ପରସ୍ପରେ ସ୍ନେହ ଭରି,
ମୁଷ୍ଟି ସଇକତେ   ଖୋଜନ୍ତି ଉଷତେ
ମୁଷ୍ଟିକି ନିକ୍ଷେପ କରି ।

[୬]

ଯେ ଅଳକା ପୁରେ   ରସି ସୁରତରେ
ରସିକେ ଅନୁରାଗରେ,
ଧରି ବିମ୍ବାଧର   ନୀବୀବନ୍ଧ ହରି
ପ୍ରେମ ପୁଲକିତ କରେ ;
ଯେବେ ଉଲଗନ   କରି ଆଲିଙ୍ଗନ
କରନ୍ତି ରମଣୀ ଗଣେ,
ହୋଇ ଲାଜ ଲାଜ   ସେ ସଜ ସରୋଜ-
ନୟନା ଉଷତ ମନେ ।
କରପୂର ରଜ   କରେ କରି ସଜ
ନିବାଇବେ ଲାଜ ଭାଳି,
ରତ୍ନ ଦୀପ ଶିରେ   ନିକ୍ଷେପି ଅଧୀରେ
ବିଫଳ ହୁଅନ୍ତି ବାଳୀ ।

Digitized by PPRACHIN, SOA

[୬]

ମରୁତ ପ୍ରେରିତ କେତେ ଯେ ଜୀମୂତ
ତବ ସମ ଶୋଭା ଧରି,
ଅଳକା ସତତ- ତଳ ସୁଲଳିତ-
-ହର୍ମ୍ୟ ଅଳଂକୃତ କରି ;
ଲିଖାଇ ଅଙ୍କିତ- ଛବକ ଶଙ୍କିତ
ଶତେ ଜଳକଣା ଢାଳି,
ଗବାକ୍ଷରେ ଗଳି ଧୂମର କୁଣ୍ଡଳି
ରଚି ଉର୍ଦ୍ଧ୍ୱେ ଯାନ୍ତି ଚଳି ।

[୭]

ଜଳଦାଡ଼ମ୍ବର ଅଳକା ଅମ୍ବର-
ଦେଶରୁ ଅପସାରିତ,
ହେଲେ ନିଶାର୍ଦ୍ଧରେ ନିଶାକର-କରେ
ପ୍ରସାଦ ହୁଏ ପ୍ଲାବିତ ।
ଚାଳିସେ ଚରଣ ଚନ୍ଦ୍ରାତପ-ଟଣଡ-
ଚନ୍ଦ୍ରକାନ୍ତ ରସ ଝରେ,
ପ୍ରିୟତମ-ଭୁଜ- ବନ୍ଧନ-ନିସ୍ତେଜ-
ଲଳନାଶ୍ରମକୁ ହରେ ।

Digitized by PPRACHIN, SOA

[୮]

ଅଶେଷ ବିଳାସ ସାମଗ୍ରୀର ଈଶ
ଅଳକାର କାମିଜନ,
ସୁରବାର ନାରୀ ସଙ୍ଗତେ ବିହାରି
କରି ପ୍ରେମ ସମ୍ଭାଷଣ ;
ବୈଭ୍ରାଜ କାନନେ ପ୍ରବେଶି, ଆନନେ
ପ୍ରକାଶ କରୁଁ ହରଷ,
କାନନ କନ୍ଦରେ କଳ କଣ୍ଠ ସ୍ୱରେ
ଗାଆନ୍ତି କୁବେର ଯଶ ।

[୯]

ରସି ଅଭିସାରେ ପ୍ରଣୟ ଆଶାରେ
ଯେପଥେ ନିଶାରେ ଚାଲି,
କରନ୍ତି ପ୍ରବେଶ ପ୍ରେମିକର ପାଶ
ସୁବେଶେ ଅଳକା ବାଳୀ ।
ପ୍ରଣୟ ଆବେଗ ଯୋଗୁଁ ବେଗ ବେଗ
ଗତି କରୁଁ ମଦାଳସୀ,
ଅଳକା ଭୂଷଣ ସୁରତରୁ ସୂନ
ସେ ପଥେ ପଡ଼ଇ ଖସି ।

Digitized by PPRACHIN, SOA

କର୍ଣ୍ଣୁ ଦେଶୁଁ ସ୍ୱର୍ଣ୍ଣ ପଦ୍ମଦଳ ଛିନ୍ନ
ମସ୍ତକୁଁ ମୁକୁତା ଖସେ,
ସୂତ୍ର ଛିନ୍ନ ଉର- ହାର ହୋଇ ଦୂର
ଧରଣୀ ବକ୍ଷରେ ହସେ ।
ସବିତା ଉଦୟୁ କାଳେ ପରିଚୟୁ
ହୁଏ ଅଙ୍ଗରାଗ ରାଜି,
କରନ୍ତି ଏପରି ଅଳକା ନଗରୀ-
ନାଗରୀ ତନୁକୁ ସାଜି ।

[୧୦]

ଯେଣୁଟି ତ୍ରିନେତ୍ର ଧନପତି ମିତ୍ର
ଭୟେ ତହିଁ ରତି ନାଥ,
ସୂନ ଶରାସନେ ଷଟ୍ପଦ ଗୁଣେ
ଦେଇ ନ ପାରଇ ହାତ ।
କରିବାକୁ ସାର୍ଥ ନିଜ ମନୋରଥ
କରି ଅନ୍ୟ କଉଶଳ,
କାର୍ମୁକ ସମାଜ ମଧ୍ୟେ ମନସିଜ
କଷଇ ସହଜେ ବଳ ।

Digitized by PPRACHIN, SOA

ଚତୁଷ୍କନକାପ- ଗୁରୁଭୂରୁ ଗୃପ
ପ୍ରସ୍ଫୋଟି ସାୟକ ପରି,
କାମିଜନେ ଜୟ କରଇ ଦୁର୍ଜ୍ଜୟ
ଅନଙ୍ଗଶମ୍ବର-ଅରି ।

[୧୧]

ଏକା କଳ୍ପତରୁ ବିଳାସର ଗୁରୁ
ସାମଗ୍ରୀ କରି ସମ୍ଭୂତ,
ଯେରମ୍ୟ ନଗରୀ ରସିକା ନାଗରୀ-
ଜନେ କରେ ଅଭିଭୂତ ।
ପଲ୍ଲବ ପ୍ରସୂନ ଚିତ୍ରିତ ବସନ
ଭୂଷଣ ସଙ୍ଗତେ ମଧୁ,
ଆହରି ଅପାଙ୍ଗ ଢାଳିବାକୁ ସଙ୍ଗ
କରନ୍ତି ଅଳକା ବଧୂ ।
କଳପ ବୃକ୍ଷରେ ଲାକ୍ଷା ରସ ସ୍ତରେ
ଲକ୍ଷିତ କରି ଆଦରେ,
ସେସବୁ ଅଳକ୍ତ କରନ୍ତି ରଞ୍ଜିତ
ମଞ୍ଜୁଳ କଞ୍ଜ ପାଦରେ ।

Digitized by PPRACHIN, SOA

[୧୨]

ସେ ରମ୍ୟନଗର   କିନ୍ନରେଶପୁର
ଉତ୍ତରେ ମୋର ନିବାସ,
ଇନ୍ଦ୍ର ଶରାସନ   ପରାଏ ତୋରଣ
ଦୂରରୁ ଦିଶଏ ଆବାସ ।
ପ୍ରେୟସୀ ଲାଳିତ   ହସ୍ତରେ ଲାଳିତ
ଶିଶୁ ପାରିଜାତ ଏକ,
ହୋଇ ବରଧିତ   ସ୍ୱ ତନୟ ବତ
ବଢାଏ ପ୍ରାଙ୍ଗଣ ଟେକ ।
ପ୍ରସାରିଲେ କର   ସ୍ତବକ ନିକର
ହୋଇଥାଏ କରଗତ,
ସତେକି ସରସ   ଲତିକା ପରଶ
ହୋଇ ଅତି ଅବନତ ।

[୧୩]

ରମ୍ୟ ମରକତ   ସୋପାନେ ଶୋଭିତ
ତହିଁ ଦିବ୍ୟ ଜଳାଶୟ,
ବଇଦୂର୍ଯ୍ୟ ନାଳେ   ସୁବର୍ଣ୍ଣ କମଳେ
ବିକଶିତ ଅତିଶୟ ।

Digitized by PPRACHIN, SOA

ନବ ବୃଷ୍ଟି ଜଳ ନିକଟରେ ଆଚଳ
ବିମଳ ତା'ଜଳ ରାଶି,
ସରସୀ ଉରସେ ବନ୍ଧୁର ସାରସେ
ଯାଆନ୍ତୁ ହରଷେ ଭାସି ।
ତେଣୁ ଜଳଧର ସାରସ ନିକର
ତୁମ୍ଭଙ୍କୁ ଦେଖି ଅମ୍ବରେ,
ପାଶରେ ମାନସ ଥିଲେ ହେଁ ମାନସ
ବଳାନ୍ତି ନାହିଁ ତମ୍ଭରେ ।

[୧୪]

କନକ କଦଳୀ- ବନ ବେଢ଼ା କେଳି-
ଶଇଳ ସରସୀତଟେ,
ଇନ୍ଦ୍ରନୀଳ ମଣି ସାନୁମାନ ଯେଣି
ଅତି ରମଣୀୟ ଅଟେ ।
ତଡ଼ିତେ ପ୍ରକଟ ତବ ତନୁ ତଟ
ସଂପ୍ରାପ୍ତ ଅବଲୋକନେ ,
ହେ ସଖା ! ତୁମର ପ୍ରିୟା ମନୋହର
ଶଇଳ ପଡ଼ିବ ମନେ ।

Digitized by PPRACHIN, SOA

[୧୫]

ମଞ୍ଜୁଳ ମାଧବୀ ମଣ୍ଡପର ଛବି
ସେ କ୍ରୀଡ଼ା ଶଇଲେ ରାଜେ,
ରମଣୀୟ ଅତି କୁରୁବକ ବୃତି
ତାର ଚଉଦିଗେ ସାଜେ ।
ଦୋହଲିବା ନବ କଳିତ ପଲ୍ଲବ
ରକତ ଅଶୋକ ତଦନ,
କେଶର ପାଦପ ସଙ୍ଗତେ ମଣ୍ଡପ
ମଣ୍ଡନ୍ତି ଯତନେ ବେନ ।
ସଲକ୍ଷଣ ବଧୂ ମୁଖ-ଜାତ-ମଧୂ ,
ମୃଦୁ ବାମ ପାଦ ଘାତ,
ଲଗିଛି କେଶର ଅଶୋକ ନିକର
କରନ୍ତି କୁସୁମ ଜାତ ।
ତେଣୁ ପ୍ରିୟତମା ତବମିତ୍ର ବାମ
ବାମ ପାଦ ଘାତ ଲଗି,
ମୋ ସଙ୍ଗେ ରହିକ ପ୍ରଥମ ଅଶୋକ
ହୋଇଥାଏ ଅନୁରାଗୀ ।

Digitized by PPRACHIN, SOA

କେଶର ଦ୍ୱିତୀୟ ପ୍ରିୟାର ମୋ ପ୍ରିୟ-
ବଦନ-ମଦିରା ନେଇ,
ହୋଇ ଅତି ତ୍ୱରା ପାନକରେ ପରା
ସୁମନରେ ମନଦେଇ ।

[୧୭]

ଅଶୋକ କେଶର ମଧ୍ୟେ ସୁରୁଚିର
ବେଦୀ ଏକ ବିରାଜିତ,
ଯୁବା ବଂଶ ତରୁ- ପ୍ରଭା ଯୁତ ଚାରୁ
ମରକତେ ବିରଚିତ ।
ତା ଉପରେ ସ୍ଫଟିକ- ବେଦିକା ଫଟକ-
ହାଟକ ଦଣ୍ଡ ମଣ୍ଡିତ-
କରି, ତବମିତ୍ର କେକୀ ଟେକ ଚନ୍ଦ୍ର-
ପୁଚ୍ଛ ଦେଶେ ସୁଶୋଭିତ ।
ତାଳ ସମ୍ୱଳିତ ମୋ ପ୍ରିୟା ଲଳିତ
କର କଙ୍କଣ ନିକ୍ୱଣ,
ଶୁଣି ସଙ୍ଗେ ନୃତ୍ୟ କରି ରଙ୍ଗେ ତାର
ହୋଇ ଉଲ୍ଲସିତ ମନ ।

Digitized by PPRACHIN, SOA

[୧୭]

ବିଲୋକ ବିଚାର ଶଙ୍ଖ ପଦ୍ମ ଚାର
ବାହାର ଦୁଆର ଦେଶେ,
ବକ୍ଷରେ ଅଙ୍କିତ ଲକ୍ଷଣେ ଲକ୍ଷିତ
କର ମୋ ପୁର ବିଶେଷ ।
ମୋ ବିଚ୍ଛେଦେ ବାସ ଉତ୍ସବେ ନିରାଶ
ହୋଇ ଦିଶୁଥିବ ମ୍ଳାନ,
ହେ ସାଧୁ ! ଅମ୍ବୁଜ ପ୍ରକାଶେ କି ତେଜ
ହେଲେ ରବି ଅସ୍ତମାନ ?

[୧୮]

କଲଭ ସୁଲଭ ଛବି ଅଭିନବ
ଝଟତି କର ଧାରଣ,
ଚଞ୍ଚଳ ଗତିରେ ସରସୀର ତୀରେ
ପ୍ରବେଶିବ ନବଘନ !
ପ୍ରଥମ କଥିତ କ୍ରୀଡ଼ା ପରବତ
ଦିଶଇ ଅତି ମଞ୍ଜୁଳ,
ନୃତ୍ବ ଜୀମୂତ କାର୍ଯ୍ୟ ସମାହିତ
ଆରୋହି ତାହାର ଚୂଳ ।

Digitized by PPRACHIN, SOA

ବିଲୋକିବ ମୋର ରମ୍ୟ ଅନ୍ତଃପୁର
ଅତି ଉଲ୍ଲସିତ ମନେ,
ଶୀଣ ପ୍ରଭା ଜ୍ୟୋତି- ରଙ୍ଗଣ ପ୍ରଶାନ୍ତି-
-କ୍ଷଣପ୍ରଭା ସୁଲକ୍ଷଣେ ।

[୧୯]

ଷୋଡ଼ଶ ବୟସୀ କୃଶାଙ୍ଗୀ ପ୍ରେୟସୀ
ପ୍ରକୋଷ୍ଠ ମଧ୍ୟରେ ଘନ !
ବିଧାତା ପ୍ରଥମ ସୃଷ୍ଟି ଅନୁପମ
ଶୋଭାକୁ କରେ ଧାରଣ ।
କୁନ୍ଦ କଳି ଭଳି ରଦାବଳି ଝଳି
ପକ୍ୱ ବିମ୍ବାଧରା ଗୋରୀ,
ଚକିତ କୁରଙ୍ଗୀ ସମ ଚଳାପାଙ୍ଗୀ
କ୍ଷୀଣ-କଟୀ ପ୍ରାଣେଶ୍ୱରୀ ।
ନାଭି ସୁଗଭୀର ଜଘନର ଭାର
ଯୋଗେ ତା ଅଳସ ଗତି,
ସମୁନ୍ନତ ଉର ସରଜଇ ତାର
ଶରୀରେ ଅଳପ ନତି ।

Digitized by PPRACHIN, SOA

[୨୦]

ହୋଇ ସହଚର ହେଲ ଯେଣୁ ଦୂର
ପ୍ରିୟତମା ସୁହାସିନୀ,
ଚକ୍ରବାକୀ ସମା ହୋଇଥିବ ବାମା
ବିରହେ ମିତ ଭାଷିଣୀ ।
ଜୀବନଦ ! ମମ ଦ୍ୱିତୀୟ ଜୀବନ
ବନଜ-ନୟନା ଜାଣ,
ବିତାଏ ବିଚ୍ଛେଦ- ବାସର ବିଷାଦ
କଣ୍ଠଗତେ ରଖି ପ୍ରାଣ ।
ନିହାର-ପତିତ ନଳିନୀ ପ୍ରଶୀତ
ମଳିନତା ଅଙ୍ଗେ ଧରି ,
ତେଜି ଥିବ ସିନା ପୂରୁବ ସୁଷମା
ଅମ୍ବୁଜାକ୍ଷୀ ବିମ୍ବାଧରୀ ।

[୨୧]

ଝୁରି ଝୁରି ବାଳା ଗୁରୁ ପ୍ରେମଶୀଳା
ରୋଦନ କରନ୍ତେ ମିତ,
ଝରି ଝରି ଜଳ ନୟନ ଯୁଗଳ
ହୋଇ ଯାଇଥିବ ସ୍ଫୀତ ।

Digitized by PPRACHIN, SOA

ବାମକରେ ବାମା ବଦନ ଚନ୍ଦ୍ରମା
ନ୍ୟସ୍ତକରି ବସିଥିବ,
ନାହିଁ ତିଳଫୁଲ- ତପତ ଅନିଳେ
ଅଧର ଶୋଭା ନାଶିବ ।
ଆଲୋଳିତ କେଶ ଅଳପ ପ୍ରକାଶ
କରିବ ବଦନ ଝଳ,
ଦିଶୁଥିବ ଯେହ୍ନେ ତବ ଆଚ୍ଛାଦନେ
ନଷ୍ଟପ୍ରଭ ଚନ୍ଦ୍ରମା ଭଳ ।

[୨୨]

ବଳୋକର ଘନ ! ସେହିମା ରତନ
ବଳି ନଇବେଦ୍ୟ ଯାଚି,
ଦେବତାରେ ଅଳି କରେ ଅବା ବାଳୀ
ମୋ ଶୁଭଗମନ ପାଞ୍ଚି ।
ବିରହେ ମୋ କ୍ଷୀଣ ରୂପ ନିରୀକ୍ଷଣ
